## ଭାଲିଆମୁଣ୍ଡା ସ୍କୁଲରୁ ଚୋରି

ଲୋଇସିଂହା,(ଡି.ଏନ.ଏ): ଲୋଇସିଂହା ଥାନା ଭାଲିଆମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଗତ ଏକ ସପ୍ତାହ ମଧ୍ୟରେ ୫ଥର ଚୋରମାନେ ସ୍କୁଲରେ ପଶିଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଓ ଶିକ୍ଷା କମିଟି ପକ୍ଷରୁ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ହେଲେ ପୋଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ସ୍କୁଲ ଲକ୍‌ଡାଉନ ପରଠାରୁ ବନ୍ଦ ରହିଛି। ଏହାର ସୁଯୋଗ ନେଇ ଚୋରମାନେ ବାରମ୍ବାର ତାଲା ଭାଙ୍ଗି ଚୋରି କରୁଛନ୍ତି। ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ଭୋଇଙ୍କ ସୂଚନା ମୁତାବକ ସ୍କୁଲର କାନ୍ଥ ଘଣ୍ଟା, ଗୋଟିଏ ଶାବଳ, ଫୁଟବଲ ଓ ନଗଦ ୨୩ ଶହ ଟଙ୍କା ଚୋରି ହୋଇଛି।

**ସଂକ୍ଷେପରେ**

## ଫୁଟବଲ ଟୁର୍ନାମେଣ୍ଟ: କର୍ଲାକୋଟ ଚାମ୍ପିୟନ

**ଧର୍ମଗଡ଼,୧୪।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଝାରକୁଣ୍ଡାମାଲ ଗ୍ରାମରେ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମା’ ଲଙ୍କେଶ୍ୱରୀ ଯୁବ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ଡହଗାଁ ଓ ବଣିଜରା (କର୍ଲାକୋଟ ) ମଧ୍ୟରେ ହୋଇଥିଲା। କର୍ଲାକୋଟ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅତିଥିଭାବେ ଜୁନାଗଡ଼ ଆର୍‌ଏମସି ଉପାଧ୍ୟକ୍ଷ ବିବେକ ରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ପଣ୍ଡା, ସୁବ୍ରତ ପଣ୍ଡା, ମୋହନ ଚରଣ ସିଂ, ସୁରତ କୁମାର ପଣ୍ଡା, ଭାଜପା ନେତା ଜୟଶଙ୍କର ମୁଣ୍ଡ, ମୀନକେତନ ଦଳପତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଉତ୍ତମ ସମନ୍ୱୟ ରହିଲେ ସଫଳତା ମିଳିବ

**ଅମରପାଲି, ୧୪।୨(ଡି.ଏନ.ଏ.):** କରୋନା ପାଇଁ ଚଳିତ ବର୍ଷ ବିଳମ୍ବରେ ସ୍କୁଲ ଖୋଲିଛି। ଶହେ ଦିନର କାର୍ଯ୍ୟ ଦିବସରେ ପାଠପଢ଼ା ହୋଇ ପିଲା ମାଟ୍ରିକ ପରୀକ୍ଷା ଦେବେ । ଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ପାଠପଢ଼ା ନେଇ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ତେଣୁ ଅଭିଭାବକମାନେ ମଧ ପିଲାଙ୍କ ପାଇଁ ତତ୍ପରତା ପ୍ରକାଶ କରନ୍ତୁ। ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ମଧରେ ଉତ୍ତମ ସମନ୍ୱୟ ହେଲେ ସଫଳ ମିଳିବ। ଶନିବାର ବୀରମହାରାଜପୁର ବ୍ଲକର ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ଉମେଶ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଇଓ ଶାନ୍ତନୁ କୁମ୍ଭକାର, ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ତପକିରଣ ସାହୁ ସଭା ସଂଯୋଜନା, ଶ୍ୟାମସୁନ୍ଦର ସେଠୀ ଅତିଥି ପରିଚୟ ଓ ପଦ୍ମନାଭ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂରକ୍ଷଣ କ୍ଷମତା ମହୋତ୍ସବ

**ଲୋଇସିଂହା,୧୪।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପାଟଣେଶ୍ୱରୀ ପାଠାଗାର ପରିସରରେ ସଂରକ୍ଷଣ କ୍ଷମତା ମହୋତ୍ସବ-୨୦୨୧ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ସକ୍ଷମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ସୌଦାମିନୀ ସାହୁ, ସଭାପତି ଓମ ପ୍ରକାଶ ସାହୁ, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପେଟ୍ରୋଲିୟମ ଜାତଦ୍ରବ୍ୟଗୁଡ଼ିକୁ ସଂରକ୍ଷଣ ପାଇଁ ସବୁ ପ୍ରକାର ଉଦ୍ୟମ କରିବାକୁ ଏହି ଅବସରରେ ଶପଥପାଠ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଚାରା ଦେଇଛି ରୋଜଗାର

**ଅତାବିରା, ୧୪।୨ (ଡି.ଏନ.ଏ)**



ଖୁଣ୍ଟୁଲିପାଲି ସାପ୍ତାହିକ ବଜାରରେ ଚାରା ବିକ୍ରି କରାଯାଉଛି।

ବରଗଡ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ଦୁଇ ଜଣ ଯୁବକ ଦୟାନିଧି ପ୍ରଧାନ ଓ ଠାକୁର ପ୍ରଧାନ। ପାଠପଢ଼ା ପରେ ଚାକିରି ନ ମିଳିବାରୁ ଉଭୟ ଯୁବକ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ କରି ସଫଳ ହୋଇଛନ୍ତି । ସେମାନେ ପନିପରିବା ମଞ୍ଜି (ବିହନ) କିଣି ଚାରା ଉତ୍ପାଦନ କରୁଛନ୍ତି ଏବଂ ସେହି ଚାରା ବିଭିନ୍ନ ସାପ୍ତାହିକୀ ବଜାରରେ ବିକି ପରିବାର ପାଇଁ ଦୁଇ ପଇସା ରୋଜଗାର କରୁଛନ୍ତି। ଦୟାନିଧି ଏବଂ ଠାକୁର ଅତାବିରା, ଗୋଡଭଗା, ଲରମ୍ବା, କାଦୋବାହାଲ, ପତ୍ରାପାଲି, କାଠଡେରା, ଗୋଶାଳା, ଥୁଆପାଲି ଆଦି ସାପ୍ତାହିକୀ ବଜାରକୁ ଯାଇ ବାଇଗଣ, ଲଙ୍କା, ଫୁଲ କୋବି, ବନ୍ଧାକୋବି, ପିଆଜ, ମାଖନ ଆଦି ପନିପରିବା ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଦୟାନିଧି ପ୍ରଧାନ କୁହନ୍ତି, ସିଜିନ ଅନୁସାରେ ପନିପରିବା ଚାରା କରିବା ସହିତ ବିଭିନ୍ନ ଫୁଲ ଫଳ ଗଛ ଚାରା ଉତ୍ପାଦନ କରୁଛି । ସେଥିରେ ପରିବାର ଚଳୁଛି। ସେହିପରି ଠାକୁର ପ୍ରଧାନ କୁହନ୍ତି, ସରକାରୀ ପ୍ରୋତ୍ସାହନ ମିଳିଲେ ଅଧିକରୁ ଅଧିକ ଚାରା ଉତ୍ପାଦନ କରିପାରନ୍ତୁ । ଏହାଦ୍ୱାରା ଅନ୍ୟମାନଙ୍କୁ ମଧ ରୋଜଗାର ମିଳିପାରନ୍ତା ବୋଲି ଠାକୁର କହିଥିଲେ।

## ଏନ୍‌କେଏଫଏ ଫୁଟବଲ: ଖୁଜେନପାଲି-ହାତୀସରା ଫାଇନାଲ ମୁକାବିଲା

**ଦେଓଗାଁ, ୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ନବକିଶୋର ଫୁଟବଲ ଆସୋସିଏଶନ ଆୟୋଜନକ୍ରମେ ଚାଲିଥିବା ଏନକେଏଫଏ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ସପ୍ତମ ଦିବସ । ଏହିଦିନ ହାତିସରା ଓ ସମରା ମଧରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ହାତୀସରା ବିଜୟୀ ହୋଇଥିଲା । ଖୁଜେନପାଲି ଓ ମୁରସିଂ ଦଳ ମଧରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଖୁଜେନପାଲି ଦଳ ବିଜୟୀ ହୋଇଥିଲା। ସୋମବାର ଫାଇନାଲ ମ୍ୟାଚ ଖୁଜେନପାଲି ଓ ହାତୀସରା ମଧରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ହନକ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ଚତୁର୍ଥ ଦିବସରେ ମୁଖ୍ୟ ଅତିଥିଭାବେ ମନୋଜ ନାଏକ, ଡା.ଶଶୀଭୂଷଣ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ରାସ୍ତାକଡ଼ରେ କୁଢ଼କୁଢ଼ ଆବର୍ଜନା



ଲଛିପୁର ଗାଁ ନିକଟ ରାସ୍ତା କଡ଼ରେ ଆବର୍ଜନ ଜମା ହୋଇ ରହିଛି।

**ବିନ୍ଧିକା,୧୪।୨(ଡି.ଏନ୍.ଏ)**

ସୋନପୁର ସଦର ବ୍ଲକ ଲଛିପୁର ପଞ୍ଚାୟତର କୌଣସି ଗାଁରେ ଆବର୍ଜନା କୁଣ୍ଡ ନାହିଁ। ଫଳରେ ଗାଁ ମୁଣ୍ଡରେ କୁଢ଼କୁଢ଼ ଆବର୍ଜନା ଜମା ହୋଇ ରହିଥିବା ଦେଖିବାକୁ ମିଳୁଛି। ଲଛିପୁର ଗ୍ରାମ ମୁଖ୍ୟରାସ୍ତା କଡରେ କୁଢ଼ କୁଢ ଆବର୍ଜନା ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବର୍ଜନାକୁ ସଫା କରିବାକୁ ଦାବି ହେଉଛି।

## ୨୧ରୁ ଓସିଏ ଭିଜନ-୨୪ ଜୁନିୟର ଇଣ୍ଟ୍ରାଡିଷ୍ଟ୍ରିକ୍ଟ କ୍ରିକେଟ୍ ଲିଗ୍

**ସୋନପୁର,୧୪।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ଓସିଏ ଭିଜନ-୨୪ ଜୁନିୟର ଇଣ୍ଟ୍ରାଡିଷ୍ଟ୍ରିକ୍ଟ କ୍ରିକେଟ୍ ଲିଗ୍ ଆସନ୍ତା ଫେବୃୟାରୀ ୨୧ ତାରିଖରୁ ସୋନପୁର ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ୧୪ ବର୍ଷରୁ କମ୍ ୫ ଜଣ ଓ ୧୬ ବର୍ଷରୁ କମ୍ ୧୦ ଜଣ ଖେଳାଳି ରହିବେ। ୧୪ ବର୍ଷରୁ କମ୍ ଖେଳାଳିମାନଙ୍କ ଜନ୍ମତାରିଖ ତା୧।୯।୨୦୦୭ରିଖ ପରେ ଓ ୧୬ ବର୍ଷରୁ କମ୍ ଖେଳାଳିମାନଙ୍କ ଜନ୍ମ ତାରିଖ ତା୧।୯।୨୦୦୫ରିଖ ପରେ ହେବା ଉଚିତ। ଖେଳାଳିମାନଙ୍କ ପ୍ଲେୟାର ରେଜିଷ୍ଟ୍ରେସନ ଫେବୃୟାରୀ ୨୧ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କ୍ରିକେଟ୍ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି କ୍ରିକେଟ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଜିଲାର କ୍ରିକେଟ୍ ଖେଳାଳିଙ୍କ ଅରିଜିନାଲ ଆଧାର କାର୍ଡ, ଦୁଇଟି ପାସପୋର୍ଟ ସାଇଜ୍ କଲର ଫଟୋ ଓ ସପ୍ତମ ପାସ ପ୍ରମାଣପତ୍ର ସହ ପ୍ଲେୟାର ରେଜିଷ୍ଟ୍ରସନ କରାଇବା ପାଇଁ ଜିଲା କ୍ରିକେଟ୍ ସଂଘର ସମ୍ପାଦକ ପ୍ରଦୀପ କୁମାର ସେଠୀ ସୂଚନା ଦେଇଛନ୍ତି।

## ଭାଲେଣ୍ଟାଇନ୍ସ ଡେରେ ରକ୍ତଦାନ ଶିବିର



ସୋନପୁରଠାରେ ଆୟୋଜିତ ଶିବିରରେ ଜଣେ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି ।

**ସୋନପୁର,୧୪।୨(ନି.ପ୍ର.)**

ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ । ଏହି ଦିବସକୁ ଯୁବଗୋଷ୍ଠୀ ମନଭରି ଉପଭୋଗ କରିଥିଲେ । ଚକୋଲେଟ୍ ଦୋକାନ, ଫୁଲ ଦୋକାନ ଓ ଗିଫ୍ଟ କର୍ଣ୍ଣରରେ ପ୍ରେମୀ ଯୁଗଳଙ୍କ ବେଶ ଭିଡ ଜମିଥିଲା । ତେବେ ସୋନପୁର ବୁଢାରାଜା ଯୁବକ ସଂଘର କର୍ମକର୍ତ୍ତାମାନେ ମାତୃ ଶକ୍ତିକୁ ସମ୍ମାନ ଜଣାଇ ଏହି ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଦିବସକୁ ସ୍ମରଣୀୟ ରଖିବା ପାଇଁ ରବିବାର ନବମ ବାର୍ଷିକୀ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ୩ଟି ସ୍ଥାନରେ ଆୟୋଜିତ ଶିବିରରେ ମୋଟ ୮୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

**୮୩ ୟୁନିଟ୍ ରକ୍ତ ସଂଗ୍ରହ**

ବୁଢାରାଜା ଛକ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜନମୁରା ସରପଞ୍ଚ ତଥା ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଅଧ୍ୟାପକ ଉମାକାନ୍ତ ନାଗ ପ୍ରମୁଖ ଅତିଥିଭାବେ ଯୋଗଦେଇ ରକ୍ତଦାନ, ଜୀବନ ଦାନ ବୋଲି କହିବା ସହ ଯୁବ ବର୍ଗଙ୍କର ଏଭଳି ସମାଜସେବା ମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯୁବକ ସଂଘ ସଭାପତି ଶିବ ଶଙ୍କର ନାଏକ, ଚିତ୍ତରଞ୍ଜନ ଭୋଇ, ମୁକେଶ ମିଶ୍ର, ଅରୁଣ କୁମାର ମେହେର ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବୀରମହାରାଜପୁର ବଜରଙ୍ଗ କଲ୍ୟାଣ ମଣ୍ଡପରେ ଓ ଉଲୁଣ୍ଡାରେ ଯୁବ ମହାସଂଘ କାର୍ଯ୍ୟାଳୟରେ ରକ୍ତ ସଂଗ୍ରହ ହୋଇଥିଲା।

## ଭଙ୍ଗା ପୋଲର ପୁନରୁଦ୍ଧାର ହେବ

**ପଦ୍ମପୁର, ୧୪।୨ (ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ କନସିଂହା ଗ୍ରାମପଞ୍ଚାୟତ ଅଧୀନ ବଇଦପାଲି ଗ୍ରାମବାସୀଙ୍କ ଦୁଃଖକୁ ଶେଷରେ ପ୍ରଶାସନ ଶୁଣିଛି। ନୂଆପାଲିଠାରୁ ବଇଦପାଲି ଗ୍ରାମକୁ ଯାଇଥିବା ରାସ୍ତାର ଉନ୍ନତି ପାଇଁ ଗ୍ରାମବାସୀ ଦାବି ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଗ୍ରାମବାସୀ ଭୋଟ୍ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ପ୍ରଶାସନ ରାସ୍ତା ଓ ଭଙ୍ଗାପୋଲ ତିଆରି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ତତ୍କାଳୀନ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ ୫ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିବା ପରେ ରାସ୍ତା କାମ ହୋଇଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଏ ନେଇ ସାମାଜିକ କର୍ମୀମାନେ ସରକାରଙ୍କୁ ଟୁଇଟ୍ କରି ଜଣାଇବା ପରେ ପୋଲ ନିର୍ମାଣ ପଥ ପରିଷ୍କାର ହୋଇଛି। ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ଏ ସମ୍ପର୍କରେ ବଇଦପାଲି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ପୋଲ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି।

## ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍କୁଲ ଘୋଷିତ

**ପଦ୍ମପୁର, ୧୪।୨ (ଡି.ଏନ.ଏ)**

ପଦ୍ମପୁର ବାଳିକା ହାଇସ୍କୁଲକୁ ସେଣ୍ଟର ଅଫ୍ ଏକ୍ସସେଲେନ୍ସ ସ୍କୁଲ ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଅଧକ୍ଷତା କରିଥିଲେ। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ଶିକ୍ଷାବିତ୍ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ପୂର୍ବତନ ବରଗଡ ଜିଲା ପରିଷଦ ଅଧକ୍ଷ ମନୋରଞ୍ଜନ ସିଂ ବରିହା ସମ୍ମାନୀତ ଅତିଥି ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଦରୱାନ ପ୍ରଧାନ ଶିକ୍ଷୟିତ୍ରୀ ଭୋଇଙ୍କୁ ସେଣ୍ଟର ଅଫ୍ ଏକ୍ସସେଲେନ୍ସ ସ୍କୁଲ ଘୋଷଣାପତ୍ର ପ୍ରଦାନ କରିଥିଲେ। ଏହାସହ ସେଣ୍ଟର ଅଫ୍ ଏକ୍ସସେଲେନ୍ସ ଗାଇଡଲାଇନ ଅନୁଯାୟୀ ବିଦ୍ୟାଳୟକୁ ସମସ୍ତ ପ୍ରଶାସନିକ ସେବା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ସ୍ୱାଗତ ଭାଷଣ, ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ ସଭା ସଂଯୋଜନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଓଡିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ, କୃଷି ବିଜ୍ଞାନ, ମଲ୍‌ଟିସ୍କିଲିଂ, ଗଣିତ, ବିଜ୍ଞାନ, ଇତିହାସ ଓ ଭୂଗୋଳ ଆଦି ବିଷୟର ୨୧ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଶେଷରେ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋ ଚାଟଶାଳୀ ଶିକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ



ମୋ ଚାଟଶାଳୀ ଶିକ୍ଷା କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଛି।

**ଦେଓଗାଁ, ୧୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଲୋକଉନ୍ନତି ସଂଗଠନ ଓ ମହିଳା ଶ୍ରମଜୀବୀ ମଞ୍ଚ ଦେଓଗାଁ ଶାଖା ତରଫରୁ ମୋ ଚାଟଶାଳି ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶନିବାର ବ୍ଲକର ଗୌରଗୋଠ, ଲୁହାଖାନ ଓ ବରଘାଟିରେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଗ୍ରାମର ଶିକ୍ଷିତ ଯୁବତୀ ଯୁବକଙ୍କୁ ଶିକ୍ଷାଦାନ ଦେବାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ବିଭିନ୍ନ ଗ୍ରାମରେ କରାଯିବ ବୋଲି ସଂଗଠନ ତରଫରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା, ପୀତାମ୍ବର ପଧାନ, ପୁରନ୍ଦର ଭୋଇ, ବିକ୍ରମ ସାହୁ, ବିଦ୍ୟାଧର ଜାଲ ଓ ସୁଶୀଲ ସୁନା ପ୍ରମୁଖ ପରିଚାଳନା କରୁଛନ୍ତି।

## ଯୁବ ରେଡକ୍ରସ ତାଲିମ୍ ଶିବିର




ତାଲିମ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

**ବାଉଁଶୁଣୀ, ୧୪।୨(ଡି.ଏନ.ଏ)**

ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ମା’ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବାଉଁଶୁଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଡ ସଭାପତିତ୍ୱ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁ ଓ ବୌଦ୍ଧ ଜିଲା ଯୁବ ରେଡକ୍ରସର ସଂଯୋଜକ ସୁରେଶ୍ୱର ଯୋଶୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡ. ସତ୍ୟନାରାୟଣ ହୋତା ଓ ଡ. ବନୋଜ ପ୍ରଧାନ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅଧାପକ ବାବାରାମ ଦେହୁରୀ ପରିଚାଳନା କରିଥିଲେ। ଶେଷରେ ଜୁନିୟର କଲେଜ ରେଡକ୍ରସ ସଂଯୋଜକ ଦେବାର୍ଚ୍ଚନ ବେହେରା ଧନ୍ୟବାଦ ଦେଇଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ଚାର୍ଟର ନାଇଟ କାର୍ଯ୍ୟକ୍ରମ

**ପୁରିବାହାଲ, ୧୪।୨ (ଡି.ଏନ.ଏ.)**

ପୁରିବାହାଲ କଲ୍ୟାଣ ମଣ୍ଡପରେ ଚାର୍ଟର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବେଣୁଧର ଦୋରା, ସଞ୍ଜୟ କୁମାର ସାହୁ, ସେକେଣ୍ଡ ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୱାଇ.ପି ଗୋୟଲ, ଏକ୍ସଟେନସନ ଚେୟାର ପର୍ଶନାଲ ହଂସରାଜ ଜୈନ, ପ୍ରିଜାଇଡିଂ ଅଫିସର ରତ୍ନାକର ସାହୁ, ରିଜିଓନାଲ ଚେୟାରପର୍ଶନ ମନୋଜ ନନ୍ଦ, ଜୋନ ଚେୟାରପର୍ଶନ ବିନ୍ଦୁ ସାହୁ, ପି.ଇ.କେ ସାହୁ, ଈଶ୍ୱର ଚନ୍ଦ୍ର ଜୈନ, ଗୋପାଳ ଲାଠ, ସଦାଶିବ ସରାଫ, ପ୍ରଦୀପ ବଂଶଲ ମଞ୍ଚାସୀନ ଥିଲେ। ପୁରିବାହାଲ ଲାୟନ କ୍ଲବ ସଭାପତି ଶ୍ରୀବତ୍ସ ବେହେରା ସଦସ୍ୟଙ୍କୁ ଶପଥ ଗ୍ରହଣ କରାଇଥିଲେ। ପ୍ରଧାନଶିକ୍ଷକ ପୀତବାସ ସାହୁ, ଡିଗ୍ରୀ କଲେଜ ଅଧକ୍ଷ ସରୋଜ ନାୟକ, କ୍ଲବ ସଦସ୍ୟ ରାଜୀବ କୁମାର ମହାନ୍ତି, ସୁନ୍ଦରମତୀ ବାଗ, କଶ୍ୟପ ସରାଫ, ଅନୀଲ ଶର୍ମା, ମହେଶ ପୁଟେଲ, ଦିଲୀପ ପୃଷ୍ଟି, ସରୋଜ ମେହେର, ବୁଦ୍ଧଦେବ ମହାକୁଡ, ଅମିତ ପାତ୍ର, ଭରତ ଦାସ ଉପସ୍ଥିତ ଥିଲେ।



ଗ୍ରାମବାସୀ ମୁର୍ଷୁଣ୍ଡିଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ବୌଦ୍ଧ,୧୪।୨(ସ୍ୱ.ପ୍ର.)**

ସଡକ ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରବିବାର ଗ୍ରାମବାସୀ ଓ ପରିବାର ଲୋକେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ୩ ଘଣ୍ଟା ଧରି ଗାଡି ଚଳାଚଳ ବ୍ୟାହତ ହୋଇଥିଲା ।

ପ୍ରକାଶ ଯେ, ଗତ ୯ ତାରିଖ ଦିନ ମୁର୍ଷୁଣ୍ଡି ଗ୍ରାମର ତିନି ଜଣ ଯୁବକ ଗାଧୋଇବା ପାଇଁ ଜାତୀୟ ରାଜପଥ କଡରେ ଥିବା ଏକ ନଳକୂପ ପାଖରେ ଠିଆ ହୋଇଥିଲେ। ଏହି ସମୟରେ

**ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ**

ସୋନପୁରରୁ ବୌଦ୍ଧ ଆଡକୁ ଆସୁଥିବା ଏକ ଟାଟା ଏସି ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ବିକ୍ରମ ପାଣ୍ଡେ (୧୯) ଓ ସରୋଜ ରାଉତ (୩୬) ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବୌଦ୍ଧ ମେଡିକାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକ୍ରମଙ୍କ ଶନିବାର ମୃତ୍ୟୁ ଘଟିଥିଲା। ବିକ୍ରମଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ସକାଳ ୮ଟା ଠାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ କରିଥିଲେ। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର, ତହସିଲଦାର ସନତ କୁମାର ନାଏକ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିଥିଲେ। ପରେ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ଗାଡି ମାଲିକଙ୍କୁ ଡକାଇ କିଛି ଅର୍ଥ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଆହତ ସରୋଜ ବର୍ତ୍ତମାନ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି।

## ଯୁବ ରେଡକ୍ରସ୍ ତାଲିମ ଶିବିର

**ଝାରବନ୍ଧ, ୧୪।୨ (ଡି.ଏନ.ଏ.)**

ଝାରବନ୍ଧ ପଞ୍ଚାୟତ ସମିତି କଲେଜଠାରେ ଚାଲିଥିବା ତିନି ଦିନିଆକ୍ଲଷ୍ଟର ସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଡଭା ଜୁନିୟର କଲେଜ ଓ ଝାରବନ୍ଧର ଉଭୟ ଜୁନିୟର ଓ ଡିଗ୍ରୀ କଲେଜର ୨୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ଉପରେ ତାଲିମ ନେଇଥିଲେ। ଡିଗ୍ରୀ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ଅଧକ୍ଷ ରଜନୀ କୁମାର ମହାନ୍ତି ମୁଖ୍ୟଅତିଥି, ଜିଲା ରେଡକ୍ରସ୍‌ର ସହ ସମ୍ପାଦକ ପ୍ରେମାନନ୍ଦ ରଥ, ଝାରବନ୍ଧ ଜୁନିୟର କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ରଶ୍ମିରଞ୍ଜନ ମହାନ୍ତି, ଯାଜ୍ଞସେନୀ ନାଏକ, ନବୀନ ମେହେର, ଗଗନ ବିହାରୀ ତନସନା, ଅଦ୍ୱୈତ ପ୍ରଧାନ, ଅଶୋକ ହାତୀ, ସରୋଜ ସବର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯୁବ ରେଡକ୍ରସ୍‌ର ପରାମର୍ଶଦାତା ଖ୍ୟାତିମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୫ ଫେବୃୟାରୀ, ୨୦୨୧

## ଜଙ୍ଗଲରୁ ମିଳିଲା ବାର୍ହାର ମୃତଦେହ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ନିକଟ ଥୁଟା ସଂରକ୍ଷିତ ଜଙ୍ଗଲରୁ ଏକ ବାର୍ହାର ମୃତଦେହ ଶନିବାର ବିଳମ୍ବିତ ରାତିରେ ବନ ବିଭାଗ ଜବତ କରିଛି । ବାର୍ହାର ମୁହଁ କ୍ଷତବିକ୍ଷତ ହୋଇଥିବାରୁ ଶିକାର କରି କେହି ଛାଡି ପଳାଇଥିବା ବନ ବିଭାଗ ସନ୍ଦେହ କରିଛି। ବନ ବିଭାଗ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋତି ଦେଇଛି । ବାର୍ହାର ବୟସ ୧ ବର୍ଷ ଭିତରେ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ହରିଶଙ୍କର ରେଞ୍ଜରେ ଏକ ମାମଲା(ନଂ. ୪/୨୧)ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା କହିଛନ୍ତି।



## ସଂକ୍ଷେପରେ

### ଚିନିକଳରୁ ଚନ୍ଦନ ଗଛ ଚୋରି

**ଦେଓଗାଁ, ୧୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଗରପାଲି ନିକଟସ୍ଥ ବିଜୟାନନ୍ଦ ସମବାୟ ଚିନିକଳ ପରିସରରୁ ଏକ ଚନ୍ଦନଗଛ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଶନିବାର ରାତିରେ ଚିନିକଳ ପରିସରସ୍ଥ ଗଣେଶ ମନ୍ଦିର ନିକଟରେ ଥିବା ଏକ ଚନ୍ଦନ ଗଛକୁ କଟରରେ କାଟି ନିଆଯାଇଛି। ତେବେ ଉକ୍ତ ମୂଲ୍ୟବାନ ଗଛ ଚୋରି ହେବାର ୪୮ଘଣ୍ଟା ପରେମଧ ଏତଲା ଦିଆଯାଇନାହିଁ। ବିଜୟାନନ୍ଦ ଚିନିକଳ ଆଜକୁ ୮/୯ବର୍ଷହେଲା ବନ୍ଦ ରହିଥିବାରୁ ସମସ୍ତ ଯନ୍ତ୍ରାଂଶ ନଷ୍ଟ ହୋଇଯାଉଥିବା ବେଳେ ଅନେକ ସାମଗ୍ରୀ ମଧ ଚୋରି ହେଉଥିବା ନଜରକୁ ଆସୁଛି। ପ୍ରଶାସନିକ ଦୃଷ୍ଟି ପଡୁ ନ ଥିବାରୁ ଚିନିକଳରୁ ଅନେକ ସମାଗ୍ରୀ ଓ ଗଛ ଉପରେ ଚୋରଙ୍କ ଦୃଷ୍ଟି ପଡିଛି। ନେଇ ଚିନିକଳ ଜିଏମ ଶତଦଳ ମିଶ୍ରଙ୍କୁ ପଚାରିବାରୁ ଚନ୍ଦନ ଗଛ କାଟିନେବା ଖବର ପାଇଛି। ସୋମବାର ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରାଯିବ। ୫ଶହ ଏକର ଜମିରେ ଥିବା ଫ୍ୟାକ୍ଟ୍ରିରେ ଅଧାପନ୍ତରିଆଭାବେ ବାଡ ରହିଛି। ୫୧ ଜଣ ଜଗୁଆଳି ରହିବା ସ୍ଥାନରେ ୧୯ ଜଣ ଜଥିବାରୁ ରକ୍ଷଣାବେକ୍ଷଣ ଠିକଭାବେ ହୋଇପାରୁନାହିଁ ବୋଲି ସେ କହିଛନ୍ତି।

### ବରଭଟାକୁ ହରାଇ କୁତ୍ରାମାଳ ଚାମ୍ପିୟନ

**ପାଇକମାଳ, ୧୪।୨ (ଡି.ଏନ.ଏ):** ପାଇକମାଳ ବ୍ଲକ କୋକନରା ମାନସିଂ ଖେଳ ପଡିଆରେ ସିଂହବାହିନୀ ଯୁବକ ସଂଘ ପକ୍ଷରୁ ପାଞ୍ଚଦିନ ଧରି ଚାଲିଥିବା ୨୧ତମ ଫୁଟବଲ ଟୁର୍ନାମେଣ୍ଟରେ ବରଭଟାକୁ ହରାଇ କୁତ୍ରାମାଳ ଦଳ ଚାମ୍ପିୟନ ହୋଇଛି। ପ୍ରଥମ ଦିନ ମ୍ୟାଚ୍‌ରେ ଶ୍ରୀକାନ୍ତ ରାଉତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଫାଇନାଲ ମ୍ୟାଚ୍‌ରେ ବରଭଟାକୁ ହରାଇ କୁତ୍ରାମାଳ ଚାମ୍ପିୟନ ହୋଇଛି । ନାଗ ବାନୀ, ସୁଜିତ ରାଜହଂସ, ଦୀପକ ରାଜହଂସ ଓ ମଣ୍ଟୁ ଭୋଇ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟଅତିଥି ଓ ପାଇକମାଳ ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ ।

### ଆର୍ଥିକ ସାକ୍ଷରତା ସପ୍ତାହ ପାଳିତ

**ବରଗଡ଼ ଅଫିସ୍,୧୪।୨:** ବରଗଡ଼ ଜିଲା ସରଲା ଗ୍ରାମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆନୁକୂଲ୍ୟରେ ଡିଜିଟାଲ ଆର୍ଥିକ ସାକ୍ଷରତା ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଚିତ୍ତରଞ୍ଜନ ପାତ୍ର, ଅତିରିକ୍ତ କୃଷି ଅଧିକାରୀ ସୁବୋଧ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ଶାଖା ପରିଚାଳକ ଚନ୍ଦ୍ରଶେଖର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରାଯାଇଥିଲା।

### ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ଆଲୋଚନାଚକ୍ର

**ତରବୋଡ(ଡି.ଏନ.ଏ.)/ନୂଆପଡା ଅଫିସ, ୧୪।୨:** ନୂଆପଡା ଜିଲାର ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ଏକ ଇ-ଆଲୋଚନା ଚକ୍ର ପତୋରାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡିଶା ମାଁ ରକ୍ତାମ୍ବରୀ ନୂଆପଡା ଶାଖା ତରଫରୁ ଆୟୋଜିତ ଆଲୋଚନାଚକ୍ରରେ ଜିଲାର ପର୍ଯ୍ୟଟନସ୍ଥଳର ଇତିହାସ, ଭୌଗୋଳିକ ଓ ଆଧ୍ୟାତ୍ମିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ମାୟାଧର ସରାଫ । ଜିଲାରେ ଅନେକ ଐତିହାସିକ କୀର୍ତିରାଜ ରହିଛି । କିନ୍ତୁ ପ୍ରଶାସନିକସ୍ତରରେ ପ୍ରଚାର ପ୍ରସାରର ଅବହେଳା ଯୋଗୁଁ ଲୋକଲୋଚନକୁ ଆସି ପାରୁନାହିଁ ବୋଲି ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରକୁ ରକ୍ତାମ୍ବରୀ ଶାଖାର ସଂଯୋଜକ ଅଧ୍ୟପକ ରୁଦ୍ରମାଧବ ବାରିକ ସଂଯୋଜନା କରିଥିଲେ । ମନୋଜ କୁମାର ନାୟକ, ରାମଚନ୍ଦ୍ର ପଟେଲ, କୋମନା ଯୁକ୍ତତିନି କଲେଜ ଅଧ୍ୟକ୍ଷ ପ୍ରଭାସ କୁମାର ପଣ୍ଡା, ଆଇନଜୀବୀ ବିଭୁଦତ୍ତ ଚଳାନ, ସାଗରୀ ସାହୁ,ଜୟଶ୍ରୀ ଦଣ୍ଡସେନା, ସୁନୀଲ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆଦିବାସୀ ଲୋକନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

**ଜୁନାଗଡ,୧୪।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ଶୁକ୍ରବାରଠାରୁ ଚାଲିଥିବା ଜାତୀୟସ୍ତରୀୟ ଆଦିବାସୀ ଲୋକନୃତ୍ୟ ଓ ଲୋକସଙ୍ଗୀତ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷ ଡ.ରାମକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ବିଧାନ ସଭାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା, ଧର୍ମଗଡ ଉପଜିଲାପାଳ ଦିବାକର ଟି.ଏସ୍, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଧନ୍ୟବାଦ ଦେଇଥିଲେ। ଭାନୁ ପ୍ରକାଶ ରଥ ସଭା


ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ ।

ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିହାରର ଭୋଜପୁରୀ ନୃତ୍ୟ, ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ, ଆସାମର ବିହୁ, ରାୟଗଡାର ଜେ.ସୁକାନ୍ତ ଓ ସାଥୀଙ୍କ ଢେମସା ନୃତ୍ୟ, ବଲାଙ୍ଗୀର ନୁପୁର କଳା ପରିଷଦର ସମ୍ବଲପୁରୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ଓଡିଶାରେ ପ୍ରଥମ ଥର ପାଇଁ ଏହି ଉତ୍ସବ ହୋଇଥିଲା । ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଭାରତ ସରକାରଙ୍କ ଇଷ୍ଟର୍ଣ୍ଣ ଜୋନାଲ୍ କଲଚରାଲ ସେଣ୍ଟର କୋଲକତା, ଓଡିଶା ସରକାରଙ୍କ ଭାଷା, ସଂସ୍କୃତି ବିଭାଗ, କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା । ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ଧ୍ୟାନନନ୍ଦ ପଣ୍ଡା ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ ।

# ଚାକିରି ଦେବା ନାମରେ ଠକେଇ

**କେସିଙ୍ଗା,୧୪।୨(ଡି.ଏନ.ଏ.)**

ଚାକିରି କରାଇ ଦେବା ନାଁରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତକେଲା ଗ୍ରାମର ଜଣେ ଯୁବକ ସ୍ଥାନୀୟ ଅଞ୍ଚଳର କେତେଜଣ ଆଦିବାସୀ ଯୁବତୀଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ରବିବାର କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକାରୀମାନେ ଏ ନେଇ ଏସପି ଓ ଏସଡିପିଓଙ୍କ ନିକଟରେ ମଧ ଅଭିଯୋଗ କରିଥିବା ଜଣାଯାଇଛି ।

ପ୍ରକାଶ ଯେ, ସମ୍ପୃକ୍ତ ଯୁବକ ଜଣକ ବିଶ୍ୱନାଥପୁର, ମୂଷାନାଳ, ଅମ୍ବାଦଲା, ଭବାନୀପାଟଣା, ଉତକେଲା ଆଦି ଅଞ୍ଚଳର ଗରିବ ଆଦିବାସୀ ଯୁବତୀ ଯୁବକମାନଙ୍କୁ ଚାକିରି କରାଇ ଦେବାକୁ କହି ଟଙ୍କା ଆଦାୟ କରିଥିଲେ । ସେ ଉତକେଲା ଗ୍ରାମର ଜଣେ ମହିଳା କନଷ୍ଟେବଲ ଓ ମୁସାନାଲ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିବା ଜଣାପଡିଛି। ସେହିପରି ମୁସାନାଲ ଓ ଉତକେଲା ଅଞ୍ଚଳର କାହାଠାରୁ ୧୦ ହଜାର ତ କାହାଠାରୁ ୨୦ ହଜାର ଟଙ୍କା ନେଇଥିଲେ। ଏବେ ଚାକିରି ନାହିଁ କହି ଯୁବକ ଜଣକ ସମୟ ଗଡାଇ ଚାଲିଥିବା ବେଳେ ଟଙ୍କା ଫେରସ୍ତ କରୁନାହାନ୍ତି। ଫଳରେ ଠକାମିର ଶିକାର ହୋଇଥିବା ଯୁବତୀଯୁବକ ନ୍ୟାୟ ପାଇବା ପାଇଁ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଠକ ଯୁବକ କୌଶଳକ୍ରମେ ଜାଲ ଜାତିଗତ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ ହୋଇଛି। ଏ ନେଇ ଆଇଆଇସି ଅଶୋକ କୁମାର ମହାପାତ୍ରଙ୍କୁ ପଚାରିବାରେ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

# ୪ ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ

**ତରବୋଡ(ଡି.ଏନ.ଏ.)/ ନୂଆପଡା ଅଫିସ, ୧୪।୨**

ନୂଆପଡା ଜିଲା କୋମନା ବ୍ଲକର ୫ଟି ପଞ୍ଚାୟତରେ ହେବାକୁ ଯାଉଥିବା ପାଞ୍ଚଟି ବାଲ୍ୟ ବିବାହକୁ ଚାଇଲ୍ଡ ଲାଇନ ଓ କୋମନା ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପ ଅଟକାଇଛି। ଠିକପାଲି, ମାନିଗୁଡା, ବୁଦ୍ଧିକୋମନା, କୁରେଶ୍ୱର ଓ କୋନାବିରା ପଞ୍ଚାୟତର କେତେକ ଗ୍ରାମର ନାବାଳିକାଙ୍କ ବିବାହ ହେବାକୁ ଯାଉଥିବା ସୂଚନା ଚାଇଲ୍ଡ ଲାଇନ ନୂଆପଡା ଓ ସମ୍ପୃକ୍ତ ଶିଶୁ ବିକାଶ କୋମନାକୁ ଖବର ମିଳିଥିଲା। ଠୁଟିବର ଗନିଆପଡାର ଜଣେ ନାବାଳିକାଙ୍କ ବିବାହ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାରେ, କୁରେଶ୍ୱର ପଞ୍ଚାୟତ ପଲସାପଡାର ଏକ ବିବାହ ଖରିଆରରେ, ବୁଦ୍ଧି କୋମନା ପଞ୍ଚାୟତ ଅନ୍ତର୍ଗତ ପେଣ୍ଡରାପଥରର ଜଣେ ନାବାଳିକାଙ୍କ ବିବାହ କଳାହାଣ୍ଡି ଜିଲା ବୃନ୍ଦାବାହାଲରେ, ମାନିଗୁଡା ପଞ୍ଚାୟତ ଜଟଗଡ କୋନାବିରାର ଜଣେ ନାବାଳିକାଙ୍କ ବିବାହ ଖଡିଆଳରେ ହେବା ସ୍ଥିର ହୋଇଥିଲା। ଉକ୍ତ ଗାଁମାନଙ୍କୁ ଯାଇ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଓ ଗ୍ରାମବାସୀଙ୍କୁ ବାଲ୍ୟ ବିବାହ ଆଇନ, ବାଲ୍ୟ ବିବାହର କୁପରିଣତ ଉପରେ ଆଲୋଚନା କରିଥିଲେ। ୧୮ ବର୍ଷ ନ ହେବା ଯାଏ ବିବାହ ହୋଇ ପାରିବେ ନାହିଁ ବୋଲି କହି ଉଭୟ ପକ୍ଷଠାରୁ ସେମାନେ ଲେଖାଇ ନେଇଥିଲେ। ବାଲ୍ୟ ବିବାହ ବନ୍ଦ କରିବାରେ ଚାଇଲ୍ଡ ଲାଇନର ହୋସନା ଅକ୍ତରୀ,ସଦସ୍ୟ ମନସ୍ୱନୀ ସାହୁ, ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିମଳନୀ ପ୍ରଧାନ, ମଣ୍ଡଳ ପରିଦର୍ଶିକା ମୀନା କୁମାରୀ ବାରିକ, ବିନୋଦିନୀ ଦାସ, ସଲିଳା ମହାନ୍ତି, ସବଇନ୍ସପେକ୍ଟର ମଞ୍ଜୁଲତା ଖାଡେଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁନିୟର କ୍ରିକେଟ, ସିନିୟର ଭଲିବଲ ଖେଳାଳି ଚୟନ

**ବଲାଙ୍ଗୀର ଅଫିସ, ୧୪।୨**

ଜିଲା କ୍ରୀଡା ସଂସଦ ବଲାଙ୍ଗୀର ଆନୁକୂଲ୍ୟରେ ୨୦୨୧ବର୍ଷ ନିମନ୍ତେ ୧୪ ଓ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଖେଳାଳି ଚୟନ କରାଯିବ । ଏଥି ନିମନ୍ତେ ଖେଳାଳିଙ୍କ ନାମ ପଞ୍ଜୀକରଣ ଚଳିତ ମାସ ୧୭ ଓ ୧୮ ତାରିଖ ଦୁଇଦିନ ଧରି ଗାନ୍ଧୀ ଷ୍ଟାଡିୟମଠାରେ କରାଯିବ । ଇଚ୍ଛୁକ ଖେଳାଳିମାନେ ନିଜ କ୍ଲବ ଜରିଆରେ ପ୍ରମାଣ ସ୍ୱରୂପ ଜନ୍ମ ତାରିଖ, ଆଧାର କାର୍ଡ ଓ ପାସପୋର୍ଟ ସାଇଜ ଫଟୋ ଷ୍ଟାଡିୟମ କାର୍ଯ୍ୟାଳୟଠାରେ ଦାଖଲ କରି ନିଜର ରେଜିଷ୍ଟ୍ରେସନ କରାଇବେ। ୧୪ ବର୍ଷରୁ କମ୍ ଖେଳାଳିମାନେ ୨୦୦୫ ସେପ୍ଟେମ୍ବର ୧ ପରେ ଓ ୧୬ ବର୍ଷରୁ କମ୍ ଖେଳାଳିମାନେ ୨୦୦୭ ସେପ୍ଟେମ୍ବର ୧ ସୁଦ୍ଧା ଜନ୍ମ ଗ୍ରହଣ କରିଥିଲେ ନାମ ପଞ୍ଜୀକରଣ କରାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ବୋଲି ଜିଲା କ୍ରୀଡା ସଂସଦର କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଜଣାଇଛନ୍ତି। ପ୍ରକାଶଥାଉକି ଜିଲାର ବିଭିନ୍ନ କ୍ଲବଗୁଡିକୁ ନେଇ ଆସନ୍ତା ୨୨ତାରିଖରୁ ଜୁନିୟର ଭିଜନ ୨୪ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେବ । ପୁନଶ୍ଚ ଆସନ୍ତା ୧୮ ଓ ୧୯ ତାରିଖରେ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଅନ୍ତଃ ଜିଲା ସିନିୟର ପୁରୁଷ ଓ ମହିଳା ଭଲିବଲ ଟୁର୍ନାମେଣ୍ଟ ନିମନ୍ତେ ଖେଳାଳି ଚୟନ କରାଯିବ। ଆଗ୍ରହୀ ଖେଳାଳି ତଥା କ୍ଲବମାନେ ନିଜର ପ୍ରତିଯୋଗୀମାନଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ପଠାଇ ପାରିବେ ବୋଲି ସେ କହିଛନ୍ତି।

# ପୂର୍ବତନ ଖେଳାଳିଙ୍କୁ ନେଇ କ୍ରିକେଟ୍ ମ୍ୟାଚ୍

**ସରଣ୍ଡା,୧୪।୨(ଡି.ଏନ.ଏ)**

ବରଗଡ଼ ବିକାଶ କ୍ରିକେଟ ଷ୍ଟାଡିୟମରେ ପୁରାତନ ଖେଳାଳି ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଖେଳାଳି ସ୍ୱର୍ଗତ ରାଜେଶ ପାଢ଼ୀଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ମ୍ୟାଚ୍‌କୁ ଜିଲା କ୍ରିକେଟ ଆସୋସିଏଶନର ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ ଓ ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମ୍ୟାଚ୍ ପୂର୍ବରୁ ରାଜେଶଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆଜିର ମ୍ୟାଚ୍‌ରେ ପୂର୍ବତନ ଖେଳାଳି ହରିହର ପ୍ରଧାନ, ରବି ପଣ୍ଡା, ଅମୀୟ ଭୂଷଣ ସାହୁ, ପ୍ରଦୀପ ସାହୁ, ଗୌର ନାଗ, ମନୋଜ ଶର୍ମା, ଶୁଭ୍ରାଂଶୁ ମହପାତ୍ର, ପ୍ରଦୀପ ଦାଶ, ସେକ ଶବ୍ବର, ପ୍ରକାଶ ଶର୍ମା, ନବୀନ ଲାଠ, ୱିଲସନ ସିଂ, ପି. ଶ୍ରୀନିବାସ, ମହେନ୍ଦ୍ର ସାହୁ, ବିଶ୍ୱ ରଞ୍ଜନ ଥଇଟ, ସୌର୍ଯ୍ୟ ରଞ୍ଜନ ରାଏ, ସରୋଜ ସାହୁ, ସୁଧାଂଶୁ ତ୍ରିପାଠୀ, ରବି ମିତ୍ର, ସତ୍ୟନାରାୟଣ ଦେବତା, ଜୟ ସି, ସୁବାସ ଦାଶ, ଭରତ ପଣ୍ଡା ସାମିଲ ହୋଇଥିଲେ।

# ୫ ଶହ ରୋଗୀଙ୍କ ଚକ୍ଷୁ ପରୀକ୍ଷା

**କୋକସରା,୧୪।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସ୍ଥିତ ଶ୍ରୀରାମ ମାମୋଦେବୀ ସ୍ମୃତି ଭବନଠାରେ ରବିବାର ଶ୍ରୀରାମ ମାମୋଦେବୀ ଚାରିଟେବୁଲ ଟ୍ରଷ୍ଟ ଲଡୁଗାଁ, କଞ୍ଚନବେନ୍ ରସିକଲାଲ ଧୋଲକିଆ ଚାରିଟେବୁଲ ଟ୍ରଷ୍ଟ ଖରିଆର ରୋଡ଼ ଏବଂ ତ୍ରିଲୋଚନ ନେତ୍ରାଳୟ ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚାରିଟେବୁଲ ଟ୍ରଷ୍ଟ ନିର୍ଦ୍ଦେଶକ ତ୍ରିଲୋଚନ ଅଗ୍ରୱାଲ ଓ କ୍ରିଷ୍ଣା ଅଗ୍ରୱାଲଙ୍କ ଉପସ୍ଥିତିରେ ୫ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଓ ଚଷମା ଦିଆଯାଇଛି।


ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ଏଥିରେ ଶ୍ରୀଜଗନ୍ନାଥ ନେତ୍ରାଳୟର ଚକ୍ଷୁ ବିଶେଷଜ୍ଞ ଡା. ସତ୍ୟପ୍ରକାଶ ଦାସ, ଦୀପକ ଦାସ, ତାରିଣୀ ସେନ ବିଶ୍ୱାଳ, ବିଭୂତି ଭୂଷଣ ପ୍ରଧାନ, ହୃଷିକେଶ ଛତ୍ରିଆ, ସନ୍ତୋଷ କୁମାର ରାଉତ, ବଳରାମ ତାଣ୍ଡି, କୋଦଣ୍ଡ ବାଗ ପ୍ରମୁଖ ଯୋଗ ଦେଇଥିଲେ ।

# ଭାଲେଣ୍ଟାଇନ ଡେ ପରିବର୍ତ୍ତେ ମାତାପିତାଙ୍କୁ ପୂଜାକଲେ ଯୁବବର୍ଗ


କୁତ୍ରା ବ୍ଲକର ପଞ୍ଚରା ଅଞ୍ଚଳରେ ମାତାପିତା ପୂଜନ କରାଯାଉଛି।

**କୁତ୍ରା, ୧୪।୨ (ଡି.ଏନ.ଏ)**

ଯୁବତୀଯୁବକମାନଙ୍କ ମଧ୍ୟରେ ମା, ବାପାଙ୍କ ପ୍ରତି ଭକ୍ତିଭାବ ଦେଖିବାକୁ ମିଳିଛି। ସେଥିପାଇଁ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି ସେମାନଙ୍କର ପ୍ରେମ ଦିବସ । ଲୁଚା ଲୁଚି ଭାବେ ଗୋଲାପ ଦେବା ପରିବର୍ତ୍ତେ ପ୍ରେମକୁ ସମର୍ପି ଦେଇଛନ୍ତି ନିଜ ମାତାପିତାଙ୍କ ପାଇଁ। ପ୍ରେମ କେବଳ ପ୍ରେମିକ ପ୍ରେମିକା ମଧରେ ସୀମିତ ନୁହେଁ ବୋଲି ବାର୍ତ୍ତା ଦେଇଛନ୍ତି ଯୁବବର୍ଗ। ଏହିଭଳି ଦେଖିବାକୁ ମିଳିଛି କୁତ୍ରା ବ୍ଲକର ପଞ୍ଚରା ଅଞ୍ଚଳରେ। ଗ୍ରାମରେ ଥିବା କଲ୍ୟାଣ ମଣ୍ଡପ ପରିସରରେ ନିଜ ପିତୃମାତୃ ତୁଲ୍ୟ ବ୍ୟକ୍ତି ବିଶେଷଙ୍କୁ ଡକାଇ ପୂଜାର୍ଚ୍ଚନା ଓ ନିଜ ପ୍ରେମର ଅର୍ଘ୍ୟ ତାଙ୍କ ପାଦଦେଶରେ ଢ଼ାଳି ଦେଇଥିଲେ। ଗ୍ରାମର ପରବର୍ତ୍ତି ପିଢ଼ିମାନଙ୍କୁ ସାଥିରେ ସାମିଲ କରାଯାଇଥିଲା। ଏହି ପରିବେଶକୁ ଦେଖଣାହାରୀ ଅକୁଣ୍ଠ ଚିତ୍ତରେ ସମର୍ଥନ ଜଣାଇ ଆଗାମୀ ଦିନରେ ଅଞ୍ଚଳରେ ଆଦର୍ଶ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ । ସମଗ୍ର କୁତ୍ରା ବ୍ଲକରେ ଏପରି ପଦକ୍ଷେପକୁ ଗଣମାଧମ ଓ ସାମାଜିକ ସ୍ତରରେ ବେଶ ଚର୍ଚ୍ଚା ହେବା ଆରମ୍ଭ କଲାଣି ।


ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର ଅଫିସ, ୧୪।୨:** ପୁଲୱାମାରେ ସହୀଦ ଜବାନଙ୍କୁ ସିଆରପିଏଫ ୧୮୯ ବଲାଙ୍ଗୀର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବଲାଙ୍ଗୀର ସହର ଶାନ୍ତିପଡାରେ ଥିବା କ୍ୟାମ୍ପରେ ସହୀଦ ଜବାନମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା କମାଣ୍ଡାଣ୍ଟ ଯୋଗିନ୍ଦର ସିଂ ମୋର୍ଯ୍ୟା, ସ୍ଥାନୀୟ ସାମାଜିକ କର୍ମୀ ସନ୍ଦୀପ ବାଗ, ସନ୍ତୋଷ ପଟନାୟକ, ଜୟଦେବ ଯାଦବ, ପାର୍ଥ କରଣ, ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ

**ବୌଦ୍ଧ/ଜହ୍ନାପଙ୍କ,୧୪।୨ (ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ବ୍ଲକର ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଚନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା, ସମ୍ମାନିତ ଅତିଥି ଭାବେ ବିଡିଓ ଦେବୀ ପ୍ରସାଦ ଦାସ, ତେଲିବନ୍ଧ ସିଆରସିସି ରାଜକୁମାର ପ୍ରଧାନ, ଲକ୍ଷ୍ମୀପ୍ରସାନ ସିଆରସିସି ସନ୍ତୋଷ କୁମାର ଶତପଥୀ ଯୋଗଦେଇ ହେବାକୁ ଥିବା ମାଟ୍ରିକ ପରୀକ୍ଷା ନେଇ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ୩ ବିଧାୟକଙ୍କ ଗସ୍ତ

**ରାଜଗାଙ୍ଗପୁର, ୧୪।୨ (ଡି.ଏନ.ଏ)**

ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ପାଇଁ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲର ବିଧାୟକ ରୋହିତ ପୂଜାରୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ରାଜଗାଙ୍ଗପୁର ଗସ୍ତ କରି ସମୀକ୍ଷା କରିଥିଲେ। ଜାମପାଲିରେ ବିଧାୟକମାନଙ୍କୁ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ, ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର କୁଜୁର, ବିଜେଡି ନେତା ଅମରେଶ ପଣ୍ଡା, ଜିତୁ ଦାସ ପ୍ରମୁଖ ଉପସ୍ଥିତ ରହି ବିଧାୟକମାନଙ୍କୁ ଅଞ୍ଚଳ ବିଷୟରେ ଅବଗତି କରାଇଥିଲେ। ରାଜଗାଙ୍ଗପୁର ପଞ୍ଚାୟତ ଅଞ୍ଚଳରେ ୫ଟି ଏଲଇଡି ପ୍ରୋଜେକ୍ଟର ଯଥା ଜରୁମାଲ, ମାଲିଡିହି, ପାନପୋଷ, କେସରାମାଲ, କୁନୁମୁରା ସ୍ଥାନରେ ଲାଗିବ । ଏହି ୩ ବିଧାୟକଙ୍କ ସହ ବିଧାୟକ ପ୍ରଭୁ ଜାନୀ, ରଘୁନାଥ ପୋଡଲ ରାଜଗାଙ୍ଗପୁର ଦାୟିତ୍ୱରେ ରହିଛନ୍ତି ।


ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଓ ଅନ୍ୟ ବିଧାୟକ ସ୍ଥିତି ସମୀକ୍ଷା କରୁଛନ୍ତି।

# ଶହୀଦ ପୀଠ ପରିଦର୍ଶନ କଲେ ମନ୍ତ୍ରୀ

- ପୀଠର ଉନ୍ନୟନମୂଳକ କାର୍ଯ୍ୟ ଦେଖିଲେ
- ମନ୍ତ୍ରୀ ଓ ବିଧାୟକଙ୍କ କୁଆଁରମୁଣ୍ଡା ବ୍ଲକ ଗସ୍ତ

**କୁଆଁରମୁଣ୍ଡା,୧୪।୨(ଡି.ଏନ.ଏ.)**

ଆଉ ଦିନକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ଗସ୍ତ କରି ବିଭିନ୍ନ ମେଗା ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କରିବେ। ଏହି ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରେ ବସବାସ କରୁଥିବା ତୃଣମୂଳସ୍ତରର ଲୋକେ କିଭଳି ଅବଗତ ହୋଇପାରିବେ ସେ ନେଇ ରାଜ୍ୟ ମନ୍ତ୍ରୀମଣ୍ଡଳର ବିଭିନ୍ନ ମନ୍ତ୍ରୀ ଓ ଦଳୀୟ ବିଧାୟକମାନେ ଜିଲାକୁ ମାରାଥନ ଗସ୍ତ କରୁଛନ୍ତି। ଏହି ମର୍ମରେ ରବିବାର କୁଆଁରମୁଣ୍ଡା ବ୍ଲକକୁ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ସୌଭିକ ବିଶ୍ୱାଳ ଗସ୍ତ କରିଛନ୍ତି। ମନ୍ତ୍ରୀ ପୂଜାରୀ ପ୍ରତାପପୁର,ଅନ୍ଧାରୀ, କଚାରୁ, ଝାରବେଡ଼ା, କାଦୋବାହାଲ, ଝୁନମୁର,


ବିଧାୟକ ସୌଭିକ ବିଶ୍ୱାଳ ଡୁମେରଯୋର ଗସ୍ତ କରି ମହିଳା ଓ ଯୁବଗୋଷ୍ଠୀଙ୍କ ସହ ଆଲୋଚନା କରୁଛନ୍ତି।

ରାଏବୋଗା ଇତ୍ୟାଦି ଅଞ୍ଚଳ ଗସ୍ତ କରିଥିଲେ। ଏହି ଅବସରରେ ଆମ୍‌କୋ-ସିମ୍‌କୋ ଶହୀଦ ପୀଠକୁ ଯାଇ ମନ୍ତ୍ରୀ ପୂଜାରୀ ପୀଠର ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ସେହିପରି କଟକ-ଚୌଦାର ବିଧାୟକ ସୌଭିକ ବିଶ୍ୱାଳ ଡୁମେରଯୋର ପଞ୍ଚାୟତର ବାନିଗୁନି, ବାଙ୍କିବାହାଲ, ମନ୍ଦିରିଆ, ଉଶ୍ରା, ଉଶ୍ରା କଲୋନୀ ଇତ୍ୟାଦି ଅଞ୍ଚଳ ବୁଲି ଏସଏଚ୍‌ଜି ମହିଳା ଗୋଷ୍ଠୀ, ଯୁବକ ସଂଘ, କ୍ରୀଡା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହା ସହ ଡୁମେରଯୋର ପଞ୍ଚାୟତରେ ନବନିର୍ମିତ ମେଗା ଜଳଯୋଗାଣ ପ୍ରକଳ୍ପକୁ ମଧ୍ୟ ବିଧାୟକ ବିଶ୍ୱାଳ ବୁଲି ଦେଖିଥିଲେ। ଏହି ଗସ୍ତ ବେଳେ ବରିଷ୍ଠ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର ମନ୍ତ୍ରୀ ଓ ବିଧାୟକଙ୍କୁ ବୁଲାଇବାରେ ବିଶେଷଭାବେ ସହାୟତା କରିଥିଲେ।

## ଶହୀଦଙ୍କୁ ଦୁର୍ଗା ବାହିନୀର ଶ୍ରଦ୍ଧାଞ୍ଜଳି



ରାଉରକେଲା ଅଫିସ: ସେକ୍ଟର-୧୭ ସ୍ଥିତ ଡ. ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ବିଶ୍ୱହିନ୍ଦୁ ପରିଷଦର ମହିଳା ଶାଖା ଦୁର୍ଗା ବାହିନୀ ପକ୍ଷରୁ ପୁଲଓ୍ୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ଦୁର୍ଗା ବାହାନୀର ଜିଲା ସଂଯୋଜିକା ଅମିତା ଅଗ୍ରୱାଲ, ଭାନୁ ନନ୍ଦ, ତନୁଶ୍ରୀ ନାୟକ, ଶର୍ମିଳା ଦୀପଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକ ମୃତ

ରାଉରକେଲା ଅଫିସ,୧୪।୨: ଉଦିତନଗର ଥାନା ଅନ୍ତର୍ଗତ କୁମ୍ଭାରପଡ଼ା ବସ୍ତି ନିକଟ ରେଳ ଧାରଣାରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରଜ ଦାସ(୨୨) । ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ସୁରଜ ୱାର୍ଡ଼ ନଂ-୮ କୁମ୍ଭାରପଡ଼ା ବସ୍ତିରେ ସପରିବାର ବାସ କରନ୍ତି । ରବିବାର ଅପରାହ୍ନ ସାଢ଼େ ୧ଟାରେ ସେ ବାସନ୍ତୀ କଲୋନୀରେ ରହୁଥିବା ଜଣେ ସାଙ୍ଗଙ୍କ ଘରକୁ ଯିବା ପାଇଁ ରେଳ ଲାଇନ ପାର ହେଉଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ସାପ କାମୁଡ଼ାରେ ଯୁବତୀ ଗୁରୁତର

ରାଉରକେଲା ଅଫିସ,୧୪।୧: ସାପ କାମୁଡ଼ାରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡିଆକୁଦା ଅଞ୍ଚଳର ରୀନା ଏକ୍କା (୨୮) ନାମକ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ଶନିବାର ରାତି ସାଢ଼େ ୯ଟାରେ ଘର ବାରଣ୍ଡାରେ ବସିଥିବାବେଳେ ତାଙ୍କ ବାମଗୋଡ଼କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଫଳରେ ତାଙ୍କ ଗୋଡ଼ ଫୁଲିଯିବା ସହ ଦେହ, ହାତ ଘୋଳାବିନ୍ଧା ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

### ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ରାଉରକେଲା ଅଫିସ,୧୪।୨: ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ଗଞ୍ଜାମ ବସ୍ତି ରାସ୍ତାକଡ଼ରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ରବିବାର କରାଯାଇଛି। ମୃତକ ହେଲେ ହେଲେ ଲିଟୁନ ନାୟକ(୩୨)। ମୃତ ଯୁବକଙ୍କ ଛାତି, ବେକ ଓ ହାତରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ଲିଟୁନ ଏନ୍‌ଆଇଟିରେ ତାଙ୍କ ବଡ଼ ଭାଇଙ୍କ କ୍ୱାର୍ଟରରେ ରୁହନ୍ତି। ସେ ଝାରସୁଗୁଡ଼ାର ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ଗତ ଦୁଇ ସପ୍ତାହ ତଳେ ଲିଟୁନ ଭାଇଙ୍କ ଘରକୁ ଆସିଥିଲେ ଏବଂ ଗତ ଶନିବାର ଅପରାହ୍ନ ସାଢ଼େ ୧ଟାରେ ଘରୁ ବାହାରି କୌଣସି କାମ ପାଇଁ ରାଉରକେଲା ଯାଇଥିଲେ। ରାତି ହେବାରୁ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏହାପରେ ସେମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ଲିଟୁନଙ୍କ ମୃତଦେହ ସେକ୍ଟର-୧ ଏନ୍‌ଆଇଟି ପାଖ ଗଞ୍ଜାମ ବସ୍ତି ନିକଟସ୍ଥ ରାସ୍ତା କଡ଼ରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

## ଫଟୋରେ ଖବର...



ଫଟୋ: ବିବେକ

ରାଉରକେଲା ସହର ମୁଖ୍ୟ ରାସ୍ତାରେ ଗୋରୁଙ୍କ ଅବାଧ ଚଳପ୍ରଚଳ ଯୋଗୁ ଦୁର୍ଘଟଣା ଆଶଙ୍କା ।



ରାଉରକେଲା ଟ୍ରାଫିକ୍ ଗେଟ୍ ସମ୍ମୁଖ ରିଂରୋଡ୍ ଫୁଟ୍‌ପାଥ୍‌ରେ ଦୁଇଜଣ ନିରାଶ୍ରୟ ଶୋଇଛନ୍ତି।

# ଲୋକାର୍ପଣ ହେବ ୫ହଜାର କୋଟିର ପ୍ରକଳ୍ପ

ସୁନ୍ଦରଗଡ଼,୧୪।୨ (ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ ତାରିଖ ମଙ୍ଗଳବାର ସୁନ୍ଦରଗଡ଼ ଜିଲାକୁ ଦିନିକିଆ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲାଠାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସମାରୋହରେ ପ୍ରାୟ ୫ହଜାର କୋଟିର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଜୁ ଜନତା ଦଳ ତରଫରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ଜିଲା ଦଳୀୟ ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ସମେତ ମାଳମାଳ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଗସ୍ତପୂର୍ବରୁ ବିଭିନ୍ନ ବ୍ଲକକୁ ତୋଫାନୀ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଲାଗିପଡିଛନ୍ତି। କୋଭିଡ ପରେ ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଗସ୍ତ ଓ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖିଆଗରେ ରଖି ବିଜେଡି ମୁଖ୍ୟମନ୍ତ୍ରୀଙ୍କ

### ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ

- ଯୋଗ ଦେବେନାହିଁ ସୁନ୍ଦରଗଡ଼ ବିଧାୟିକା
- ଗସ୍ତ ପୂର୍ବରୁ ଜିଲାରେ ମାଳ ମାଳ ମନ୍ତ୍ରୀ ଓ ବିଧାୟକ

ଗସ୍ତର ଲାଭ କିପରି ଉଠାଇବ ସେ ନେଇ ରଣନୀତି ଆରମ୍ଭ କରିଛି । ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ଜିଲାର ୧୭ଟି ବ୍ଲକ ଓ ନିର୍ଦ୍ଧାରିତ ପଞ୍ଚାୟତଗୁଡିକରେ ଏଲସିଡି ମାଧ୍ୟମରେ ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଛି। ଜନସାଧାରଣ ଏଲସିଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଦେଖିପାରିବେ। ରାଉରକେଲାର ମୁଖ୍ୟ ସମାବେଶ ବ୍ୟତୀତ ଏଥିପାଇଁ ଜିଲାର ୧୭ଟି ବ୍ଲକକୁ ୧୭ଜଣ ମନ୍ତ୍ରୀ ଓ ୭୦ଜଣ ବିଧାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀ ଓ ବିଧାୟକମାନେ ଏସବୁ କାର୍ଯ୍ୟକ୍ରମକ ତଦାରଖ କରିବେ। ମୁଖ୍ୟମନ୍ତ୍ରୀ ୪୮ଶହ କୋଟିର ପ୍ରକଳ୍ପ ମଧ୍ୟରେ ୮୩୪୩. ୨୩କୋଟିର ୧୬୮ଟି ପ୍ରକଳ୍ପର ଲୋକାର୍ପଣ ଓ ୩୯୫୮. ୭୬ କୋଟିର ୨୪୦ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ହେଲେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡର ବହୁ ପ୍ରତୀକ୍ଷିତ ଇବ୍ ବ୍ୟାରେଜ୍ ଓ ରିଙ୍ଗ ରୋଡ ପ୍ରକଳ୍ପ ଜନସାଧାରଣଙ୍କ ଦାବି ସତ୍ତ୍ୱେ ଗୁରୁତ୍ୱ ଦେଇ ନ ଥିବାରୁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଯୋଗଦେବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦିନ ଜିଲା କଂଗ୍ରେସ କଳାବ୍ୟାଜ୍ ପିନ୍ଧି ବିରୋଧ କରିବ ବୋଲି ଘୋଷଣା କରିଛି।

## ମହିଳାଙ୍କୁ ଧମକାଇ ମୋବାଇଲ, ଟଙ୍କା ଲୁଟ୍

ରାଜଗାଙ୍ଗପୁର, ୧୪।୨ (ଡି.ଏନ.ଏ)

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୱାର୍ଡ ନଂ. ୧୫ କୁମାରକେଲାର ବାସିନ୍ଦା ଅନୀଷା ଲାକ୍ରା ଓ ତାଙ୍କ ସାଙ୍ଗ ସାଇକେଲ ଯୋଗେ ବଜାରକୁ ଆସୁଥିବା ସମୟରେ ରାସ୍ତାରେ ୩ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ମୋଟର ସାଇକେଲରେ ତାଙ୍କ ସାମ୍ନାକୁ ଆସି ଧମକାଇ ତାଙ୍କ ଠାରୁ ଧରିଥିବା ବ୍ୟାଗକୁ ଛଡାଇ ନେଇ ଫେରାର୍ ହୋଇଯାଇଥିଲେ। ଏହି ବ୍ୟାଗରେ ମୋବାଇଲ ଓ ୨ହଜାର ଟଙ୍କା ଥିଲା। ଅନୀଷା ଲାକ୍ରା ଏସଂକ୍ରାନ୍ତରେ ରାଜଗାଙ୍ଗପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ରାଜଗାଙ୍ଗପୁରରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ପୂର୍ବ ଶିଳାନ୍ୟାସ କାମ ଆରମ୍ଭ କର

ରାଉରକେଲା ଅଫିସ,୧୪।୨

ସୁନ୍ଦରଗଡ଼ ଜିଲା ଏବଂ ରାଉରକେଲା ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ବହୁ ଶିଳାନ୍ୟାସ କରିଛନ୍ତି। ଏହି ଶିଳାନ୍ୟାସକୁ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସ୍ଥାନରେ ଇଟା ଖଣ୍ଡିଏ ପଡ଼ି ପାରିଲାନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ହୋଇଥିବା ବିଭିନ୍ନ ଶିଳାନ୍ୟାସ କାମ ଆରମ୍ଭ କରନ୍ତୁ ବୋଲି ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲାରେ ୪ ହଜାର ୮ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ପାଇଁ ଆସୁଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କୋଲଏ ବ୍ୟାରେଜ, ରାଉରକେଲା ସହରରେ ସରକାରୀ ମେଡିକାଲ କଲେଜ, ବିପ୍ଲୁଟି ହବ୍ ଓ ବାଲୁଘାଟରେ ଆରଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କରିଯାଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସକୁ ଦିର୍ଘବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସ୍ଥାନରେ କାମ ଆରମ୍ଭ ହୋଇ ପାରିଲା ନାହିଁ। ତେଣୁ ବିଜେଡ଼ି ମୁଖିଆ ଜିଲାବାସୀଙ୍କୁ ଖାଲି ଶିଳାନ୍ୟାସ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ଭୂଆଁ ବୁଲାଇଥିବା ଭାଜପା ନେତ୍ରୀ ଲତିକା ପଟ୍ଟନାୟକ କହିଛନ୍ତି। ରାଉରକେଲା ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ ପ୍ରଥମେ ପୂର୍ବରୁ ହୋଇନଥିବା ଶିଳାନ୍ୟାସର କାମକୁ କେବେ ଠାରୁ ଆରମ୍ଭ କରିବେ ତାର ଉତ୍ତର ରଖିବା ପରେ ନୂତନ ଶିଳାନ୍ୟାସ କରନ୍ତୁ ବୋଲି ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ଦାବି କରିଛନ୍ତି। ସେକ୍ଟର-୩ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ, ନିହାରା ରାୟ, ଜଗବନ୍ଧୁ ବେହେରା, ଶଶାଙ୍କ ଜେନା ଓ ମଳୟ ମହାପାତ୍ର, ଶେଖ ମୁଜାହିଦ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ ।

## ଜିଲା ସମସ୍ୟା ଉପସ୍ଥାପନ କରିବ ସିପିଆଇଏମ୍

ରାଉରକେଲା ଅଫିସ,୧୪।୨

ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସୁଥିବାରୁ ସିପିଆଇଏମ୍ ପକ୍ଷରୁ ଜିଲାର ବିଭିନ୍ନ ସମସ୍ୟାକୁ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସିପିଆଇଏମ୍ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ଆଇଜିଏଚ୍‌କୁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ କରିବା, ଏମ୍ସ ନିର୍ମାଣ କରିବା, ବିମଳାଗଡ଼ ଓ ତାଳଚେର ରେଳ ପଥକୁ ଯଥାଶୀଘ୍ର ତିଆରି କରିବା ଭଳି ସମସ୍ୟାକୁ ନେଇ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ବୈଠକରେ ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ପ୍ରଭାତ ପଣ୍ଡା, ରାଜକିଶୋର ପ୍ରଧାନ, ଆନନ୍ଦମାହି ହରୋ, ବସନ୍ତ ନାୟକ, ବିଜନିଆ ଜୋଜୋ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରଙ୍କ ଇଚ୍ଛାଶକ୍ତିକୁ ନେଇ ପ୍ରଶ୍ନ




ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି ।

ରାଉରକେଲା ଅଫିସ,୧୪।୨

### ବିମଳାଗଡ଼-ତାଳଚେର ରେଳପଥ

- ପ୍ରତିବାଦ ସଭା କରି ଦାବି ଜଣାଇଲା ଷ୍ଟିୟରିଂ କମିଟି

ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ଆହ୍ୱାନରେ ରବିବାର ସଭାପତି ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ସ୍ଥାନୀୟ ଭଞ୍ଜଭବନ ଅନ୍ତର୍ଗତ ଆଦର୍ଶ ପାଠାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଷ୍ଟିୟରିଂ କମିଟିର ସଭ୍ୟ ହରିହର ରାଉତରାୟ, ବିଷ୍ଣୁ ମହାନ୍ତି, ପ୍ରମୋଦ ସାମଲ ଓ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୨ ସୁଦ୍ଧା ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଷ୍ଟିୟରିଂ କମିଟି ଆହ୍ୱାନ ଦେଇଥିଲା। ରାଜ୍ୟ ସରକାର ମଧ ଏଥିପାଇଁ ସମସ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରି ରେଲଓ୍ୱେକୁ ହସ୍ତାନ୍ତର କରନ୍ତୁ ବୋଲି ଦାବି କରାଯାଇଛି। ଚଳିତ କେନ୍ଦ୍ର ବଜେଟ୍‌ରେ ତାଳଚେର ବିମଳାଗଡ଼ ରେଳପଥ ପାଇଁ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାରୁ ଏହି ରେଳ ପ୍ରକଳ୍ପ ନେଇ ସରକାରଙ୍କ ଇଚ୍ଛାଶକ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ସରକାର ରେଳପଥ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ଟଙ୍କା ତାଳଚେର-ବିମଳାଗଡ଼ ପ୍ରଦାନ କରନ୍ତୁ ବୋଲି କମିଟି ଦାବି କରିଛି। ଏ ସମ୍ପର୍କରେ ଆସନ୍ତା ୨୪ ତାରିଖରେ ସଂଗ୍ରାମ ସମିତି ପକ୍ଷରୁ ଦକ୍ଷିଣପୂର୍ବ ରେଳବାଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ସଭାରେ ଅକ୍ଷୟ ସାମଲ, ସୁରେନ୍ଦ୍ର ଦାଶ, ଗୋପୀନାଥ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଭାତ ମହାନ୍ତ, ଅଶୋକ ବଳ, ଭୂପେନ ମହାପାତ୍ର, ଜାହାଙ୍ଗୀର ଅଲ୍ଲୀ, ବିଶ୍ୱଜିତ ମାଝୀ, ରାଜ କିଶୋର ପ୍ରଧାନ, ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ କୋଇଡା ଗସ୍ତ

ଟେନ୍‌ସା,୧୪।୨(ଡି.ଏନ.ଏ)

ଗ୍ରାମ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ରବିବାର ସୁନ୍ଦରଗଡ଼ ଜିଲାର କୋଇଡା ଅଞ୍ଚଳ ଗ୍ରସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସମୀକ୍ଷା କରିବା ସହିତ ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ୧୬ ତାରିଖ ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ ଗସ୍ତକୁ ନେଇ ବଣାଇ ନିର୍ବାଚନ ମଣ୍ଡଳୀର ୪ ଟି ବ୍ଲକକୁ ମନ୍ତ୍ରୀ ଓ ବିଧାୟକ ଗସ୍ତକୁ ନେଇ ସମଗ୍ର ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ମଧ୍ୟରେ ଉଲ୍ଲାସ ଭରି ଯାଇଛ। ମନ୍ତ୍ରୀ ସୁଶାନ୍ତ ସିଂହ ଓ ରାଜନଗର ବିଧାୟକ ଧ୍ରୁବ ସାହୁ ସକାଳ ୧୨ରେ ଟେନସା ପଞ୍ଚାୟତରେ ପହଁଚିବା ପରେ ତାଙ୍କୁ ରାଉରକେଲା ବିଜେଡି ସଭାପତି ଅଭିନାଶ ସୁମନ ବାଗେ, ବିଜେଡିର ଯୁବ ନେତା ପପୁ ମହାନ୍ତି , କୋଇଡା ବ୍ଲକ ବିଜେଡି ସଭାପତି ରବିନାରାୟଣ ମିଶ୍ର, ଯୁବ ଛାତ୍ର ସଭାପତି ଟିଟୁନ ଦାଶ, ଜୟଶଙ୍କର ପୂଜାରୀ, ଦୁର୍ଯୋଧନ ନାଏକଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ରାଲି ଯୋଗେ ଅଣାଯାଇ ଆଦିବାସୀ ନାଚ ଗୀତ ମାଧ୍ୟମରେ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ପରେ ମନ୍ତ୍ରୀ ଟେନସାରେ ନିର୍ମାଣ କରାଯାଇଥିବା ଆମ ଗାଁ ଆମ ବିକାଶ ଗୃହ ଏବଂ ଟେନସା ପଞ୍ଚାୟତରେ ନୂତନ ଭାବେ ନିମାଣ କରାଯାଇଥିବା ଶୌଚାଳୟକୁ ଉଦଘାଟନ କରିଥିଲେ । ପରେ ମନ୍ତ୍ରୀ କୋଇଡା ବ୍ଲକ କାର୍ଯ୍ୟାଳୟ ଗସ୍ତରେ ଆସି ଦିବା ୨ଟାରେ କୋଇଡା ବ୍ଲକରେ ପହଁଞ୍ଚିବା ପରେ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ବିଜେଡି ନେତା କୁଶ ଆପଟ, ନଦିଆ ନାଏକ , ଅଶୋକ ନାଏକ ପ୍ରମୁଖ ଶତାଧିକ କର୍ମୀ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରେ କୋଇଡା ବିଡିଓ ପଲ୍ଲବୀ ରାଣୀ ରାଜ ଏବଂ ବ୍ଲକର ଅନ୍ୟ କର୍ମଚାରୀ ମନ୍ତ୍ରୀଙ୍କୁ ସ୍ୱାଗତ କରି ଆଦିବାସୀ ବାଦ୍ୟଯନ୍ତ୍ର ଓ ନାଚଗୀତ ମାଧ୍ୟମରେ ସଭା ସ୍ଥଳକୁ ନେଇଥିଲେ। ବିଶେଷ କରି ସଭାରେ ବିଭିନ୍ନ ପଞ୍ଚାୟତର ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋଚନା ହେବା ସହିତ ସାଧାରଣ ଲୋକେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀ ଓ ବିଧାୟକ ଙ୍କୁ ଅବଗତ କରାଇଥିଲେ । ଖାସ କରି କୋଇଡା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହେବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ମନ୍ତ୍ରୀ ସାଧାରଣ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ। ସଭା ଶେଷ ହେବା ପରେ ମନ୍ତ୍ରୀ ଏବଂ ବିଧାୟକ ବ୍ଲକ ସମୁଖରେ ଚାରା ରୋପଣ କରିଥିଲେ ।



ମନ୍ତ୍ରୀ ସୁଶାନ୍ତ ସିଂହ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ କୋଇଡ଼ା ଗସ୍ତ କରୁଛନ୍ତି।

# ଲୋକଙ୍କ ସମସ୍ୟା ଶୁଣିଲେ ମନ୍ତ୍ରୀ

ବଡ଼ଗାଁ, ୧୪।୨ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଓ ମିଶନ ଶକ୍ତି ଅଧକ୍ଷା ଲୋପାମୁଦ୍ରା ବକ୍ସିପାତ୍ର ବଡଗାଁ ଡାକ ବଙ୍ଗଳାରେ ପହଞ୍ଚିଥିଲେ। ପରେ ଜିଲା ବିଜେଡ଼ି ସମ୍ପାଦକ ଅରୁଣ ଦିକ୍ଷିତ, ବ୍ଲକ ସଭାପତି ଦେବାଶିଷ ମିଶ୍ର, ବରିଷ୍ଠ କର୍ମୀ ବୀରେନ ରାଉତରାୟ, ରାଜୁ ଦାସ, ଉତ୍କଳ ମହାପାତ୍ର ପ୍ରମୁଖଙ୍କ ସହିତ ମନ୍ତ୍ରୀ ବେହେରା ଭୋଇପାଲି ପଞ୍ଚାୟତର ଡେମୁପଡା, ଫୁଲବାରୀ ପଞ୍ଚାୟତର କୁରେଇବଗା, ଡୁଡାଲଗା ପଞ୍ଚାୟତର କଣ୍ଟିଆମୁରା, ଦାଣ୍ଡଜମରା ଓ ବରଙ୍ଗାକଛାର ପଞ୍ଚାୟତର ପଟୁଆବେଡା ଗ୍ରାମକୁ ଯାଇ ସେଠାରେ ସଭା କରିଥିଲେ। ଡେମୁପଡାରେ ମନ୍ତ୍ରୀ ଉଦ୍‌ବୋଧନ ଦେଇ ନବୀନ ସରକାରଙ୍କ ଜନହିତକର ଯୋଜନା କିପରି ଲୋକେ ପାଇବେ ଓ ଠିକ୍ କାର୍ଯ୍ୟକାରୀ ହେବ ସେଥିପ୍ରତି ସମସ୍ତେ ସଚେତନ ହେବାକୁ କହିଥିଲେ। ଏହା ସହିତ ୧୬ ତାରିଖ ବଡଗାଁ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀଙ୍କ ଭିଡ଼ିଓ କନଫରେନ୍ସିଂ ଯୋଗଦେବାକୁ କହିଥିଲେ। ମିଶନଶକ୍ତି ଅଧକ୍ଷା ବକ୍ସିପାତ୍ର ମହିଳାମାନେ କିପରି ବିଭିନ୍ନ ଯୋଜନା ଯୋଗୁଁ ସ୍ୱାବଲମ୍ବି, ସଶକ୍ତି ହୋଇପାରିଛନ୍ତି ବୁଝାଇଥିଲେ । ବରିଷ୍ଠ କର୍ମୀ ରାଉତରାୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆବଶ୍ୟକ ଯୋଜନା ନବୀନ ସରକାର କରିଥିବା ସୂଚନା ଦେଇଥିଲେ। ବରିଷ୍ଠ କର୍ମୀ ଗୋବିନ୍ଦ ମହାନନ୍ଦ ଦଳରେ ଗୋଷ୍ଠୀକନ୍ଦଳ ଥିବା ଓ ବୟସ୍କ କର୍ମୀଙ୍କୁ ଅଣଦେଖା କରାଯାଉଥିବାରୁ ଜିଲାରେ ଦଳର କ୍ଷତି ହେଉଥିବା କଥା ଉଠାଇ ସମାଧାନ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କଥା ଶୁଣି ଲୋକେ ଦଳୀୟକନ୍ଦଳ କଥା ଉଠାଇବାର ଥିଲା ତା ହେଲେ ଦଳୀୟ କର୍ମୀ ସଭାରେ ନ କହି ମନ୍ତ୍ରୀଙ୍କ ଜନସଭାରେ କହିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ଚର୍ଚ୍ଚା ହୋଇଥିଲା । କୁରେଇବଗା ଗ୍ରାମରେ ମନ୍ତ୍ରୀଙ୍କୁ ସ୍ୱାଗତ ବେଳେ ମନ୍ତ୍ରୀ ବେହେରା କୀର୍ତ୍ତନ ଗାନ କରି କୀର୍ତ୍ତନ ଦଳ ସହିତ ମଞ୍ଚକୁ ଯାଇଥିଲେ । ମନ୍ତ୍ରୀଙ୍କ କୀର୍ତ୍ତନ ଶୁଣି ଗ୍ରାମବାସୀ ଅତି ଉଲ୍ଲାସିତ ହୋଇ ଉଠିଥିଲେ । ସମସ୍ତ ୪ଜଣ ବିଧାୟକ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କ ସମସ୍ୟା ଶୁଣିଥିଲେ ।



ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ ସଭାମଞ୍ଚକୁ ଯାଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୫ ଫେବୃୟାରୀ, ୨୦୨୧



**ବହୁଜନ ସମାଜ ପାର୍ଟିର ବୈଠକ**

ସମ୍ବଲପୁର,(ବ୍ୟୁରୋ): ବହୁଜନ ସମାଜ ପାର୍ଟିର ବୈଠକ ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନାରାୟଣ ସୁନାଙ୍କ ନେତୃତ୍ୱରେ ସଭା ହୋଇଥିଲା। ଏହାପରେ ବୁର୍ଲା ନଗର କମିଟି ଗଠନ ହୋଇଥିଲା । ଆନନ୍ଦ ଷଣ୍ଢ ନଗର ସଭାପତି, ସନ୍ତୋଷ ପଟ୍ଟନାୟକ ଉପସଭାପତି, ବାବୁଲୁ ସୁନା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଏହି ସଭାରେ ସୁଶାନ୍ତ ବୁଡା, କୁମେଶ ବାଗ, ପିଣ୍ଟୁ ବେସନ, ଠାକୁର ବାଗ, ସମୀର ମହାନ୍ତି, ରାମ ଶାସନି, ଦାମୋଦର ଜଗତ, ଡାକ୍ତର ବେହେରା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍, ଭିଏସଏସ ଷ୍ଟାଡିୟମ, ସକାଳ ୮ଟା।
- ଜିଲାସ୍ତରୀୟ ମହିଳା ଓ ପୁରୁଷ କବାଡି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ମନ୍ଦଲିଆ ଖେଳ ପଡିଆ, ସକାଳ ୮ଟା।
- ଶ୍ରୀମଦ ଭାଗବତ ପାଠ, ହାଟପଡା ହନୁମାନ ମନ୍ଦିର, ସନ୍ଧ୍ୟା ୫ଟା।

## ୧୬ରେ ରେଳ ନିରାପତ୍ତା ଆୟୁକ୍ତଙ୍କ ଦୋହରୀକରଣ କାର୍ଯ୍ୟ ନିରୀକ୍ଷଣ

**ସମ୍ବଲପୁର, ୧୪।୨ (ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ସମ୍ବଲପୁରରୁ ହୀରାକୁଦ ଓ କଣ୍ଟାବାଞ୍ଜିରୁ ତୁରେକେଲା ରୋଡ ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତକରଣ କାମ ଚାଲିଛି। ଚଳିତ ମାସ ୧୬ ତାରିଖ ଦକ୍ଷିଣ ପୂର୍ବ ମଣ୍ଡଳ ରେଳବାଇ ନିରାପତ୍ତା ଆୟୁକ୍ତ ଏ.ଏନ. ଚୌଧୁରୀ ବିକାଶ କାର୍ଯ୍ୟ ନିରୀକ୍ଷଣ କରିବେ । ଏହି ଦିନ ସମ୍ବଲପୁର-ଟିଟିଲାଗଡ ସେକସନ୍‌ର ସମ୍ବଲପୁରରୁ ହୀରାକୁଦ ଷ୍ଟେସନ ମଧ୍ୟରେ(ଅଫ୍‌ଲାଇନ) ଓ ୧୭ ତାରିଖ ଟିଟିଲାଗଡ-ରାୟପୁର ସେକସନ୍‌ର କଣ୍ଟାବାଞ୍ଜିରୁ ତୁରେକେଲା ରୋଡ (ଡାଉନ ଲାଇନ) ମଧ୍ୟରେ ସ୍ପିଡ୍ ଟ୍ରାଲ କରାଯିବ। ଉକ୍ତଦିନ ୮ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଲୋକେ ରେଳ ଲାଇନ ଦେଇ ଯିବା ଆସିବା ନ କରିବାକୁ ଅନୁରୋଧ କରାଯାଇଛି ।

# ମାଟିତଳୁ ବାହାରିଲା କାଠଗଣ୍ଡି

**ଇଞ୍ଜିନିୟରିଂ ସ୍କୁଲରୁ ଗଛକଟା ପ୍ରସଙ୍ଗ**
- ଜଙ୍ଗଲ ବିଭାଗର ତଦନ୍ତ ଆରମ୍ଭ
- ସରକାରଙ୍କୁ ଜଣାଇଲେ ସ୍କୁଲ ଅଧ୍ୟକ୍ଷା
- ଘଟଣା ଚାପିବା ପାଇଁ ଉଦ୍ୟମ

**ଲଖନପୁର,୧୪।୨(ଡି.ଏନ୍.ଏ)**

ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲ ପରିସରରୁ ବିନାନୁମତିରେ ବହୁ ମୂଲ୍ୟବାନ ଗଛ କଟାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ସ୍କୁଲର ଜଣେ ଅଧ୍ୟାପକଙ୍କ ବାସଭବନ ପରିସରରେ ଜଙ୍ଗଲ ବିଭାଗ ରବିବାର ଚଢାଉ କରିଛି । ଚଢାଉ ବେଳେ ମାଟିତଳେ ପୋତାଯାଇଥିବା ୧୨ଖଣ୍ଡ ଶିଶୁ କାଠଗଣ୍ଡି ଜବତ କରାଯାଇଛି। ଜବତ କାଠଗଣ୍ଡିର ପରିମାଣ ୭୩.୪୪ ସିଏଫ୍‌ଟି ଏବଂ ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏ ନେଇ ଝାରସୁଗୁଡା ରେଞ୍ଜ୍ ତରଫରୁ ଏକ ମାମଲା (ନଂ.୩।୨୧) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ରେଞ୍ଜର ଆର୍. ସି. ନାଥ କହିଛନ୍ତି । ସେ କହିଛନ୍ତି, କାଠ ଜବତ ହୋଇଥିବା ଘର ମାଲିକ ଓ ସେଠାରେ ରହୁଥିବା ଅଧ୍ୟାପକଙ୍କୁ ତଦନ୍ତ ପରିସରଭୁକ୍ତ କରି ପଚରାଉଚରା ଚାଲିଛି । ଡିଏଫ୍‌ଓ ଲଳିତ ପାତ୍ର ସମ୍ପୃକ୍ତ ସ୍କୁଲ ଅଧ୍ୟକ୍ଷାଙ୍କୁ କାରଣଦର୍ଶାଅ ପତ୍ର ଜାରି କରିଛନ୍ତି। ଡିଏଫ୍‌ଓ ପାତ୍ର ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ପୋଲିସ୍‌ରେ ଅଭିଯୋଗ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ସେହିପରି ଏହି ଘଟଣାରେ ସ୍କୁଲ ଅଧ୍ୟକ୍ଷା ପ୍ରଗତି ଦାସ ସ୍କୁଲର ଜଣେ ଅଧ୍ୟାପକଙ୍କୁ ଦାୟୀ କରି କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଅଧ୍ୟାପକ ଶିଶିର କୁମାର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ପତ୍ର ଜରିଆରେ ବିଭାଗୀୟ ନିର୍ଦ୍ଦେଶକ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ସ୍କୁଲ ପରିସରରେ ଦୀର୍ଘବର୍ଷର ବହୁ ବଡ ବଡ ପୁରୁଣା ଗଛ ରହିଥିଲା । ସ୍କୁଲ କ୍ୟାମ୍ପସରେ ଅତିରିକ୍ତ ଗୃହ ନିର୍ମାଣ ପାଇଁ ଗତ ୨୦୧୭-୧୮ମସିହାରେ ସ୍କୁଲ କର୍ତ୍ତୃପକ୍ଷ ଜଙ୍ଗଲ ବିଭାଗ ନିକଟରେ ଆବେଦନ କରିଥିଲେ । ଉକ୍ତ ଆବେଦନକୁ ଜଙ୍ଗଲ ବିଭାଗ ଗ୍ରହଣ କରି ଏ ବାବଦକୁ ୪ଲକ୍ଷ ୪୦ହଜାର ଟଙ୍କା ଜଙ୍ଗଲ ଉନ୍ନୟନ ନିଗମ ନିକଟରେ ଜମା କରିବା ପାଇଁ କହିଥିଲା। ସେ ସମୟରେ ଏହାକୁ ସ୍କୁଲ କର୍ତ୍ତୃପକ୍ଷ କର୍ଣ୍ଣପାତ ନ କରି ଚୂପ୍ ରହିଥିଲେ। ୪ବର୍ଷ ପରେ କୋଭିଡ୍ କଟକଣା ମଧ୍ୟରେ ଜଙ୍ଗଲ ବିଭାଗ ବିନାନୁମତିରେ ପୁଣି ସ୍କୁଲ ପରିସରରୁ ଏକ ସଙ୍ଗେ ୧୩୩ଟି ଗଛକୁ କାଟି ଦିଆଯାଇଛି। କଟାଯାଇଥିବା କିଛି କାଠକୁ ସ୍କୁଲ ପରିସରରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ସ୍କୁଲ ପରିସରରେ ଏହି ଘଟଣା ଘଟିଥିଲେ ମଧ୍ୟ ସ୍କୁଲ୍ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଙ୍ଗଲ ବିଭାଗ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରେ ତେବେ ଆଞ୍ଚଳିକ ସୁରକ୍ଷା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ମୁଖ୍ୟ ସତ୍ୟନାରାୟଣ ରାଓ ଚେତାବନୀ ଦେଇଛନ୍ତି।


ପୋତା ହୋଇଥିବା କାଠଗଣ୍ଡିକୁ ଜଙ୍ଗଲ ବିଭାଗ ବାହାର କରୁଛି ।

## ପ୍ରିମିୟର ଲିଗ୍ : ଭିଏସ୍‌ଏସ୍ ହଷ୍ଟର ବିଜୟୀ



ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ କୋଶଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

**ସମ୍ବଲପୁର, ୧୪।୨(ବ୍ୟୁରୋ)**

ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍- ୨୦୨୧ ରବିବାର ମ୍ୟାଚରେ ଭିଏସଏସ ହଷ୍ଟର ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରି ଡାଲମିଆଁ ୱାରିୟର୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲା । ଜବାବରେ ଭିଏସଏସ ହଷ୍ଟର ୧୮.୨ ଓଭରରେ ୩ ଉଇକେଟ ହରାଇ ବିଜୟୀ ଲକ୍ଷ୍ୟ ହାସଲ କରିଥିଲା । ୪୮ରନ କରିଥିବା କୋଶଳ ପଟେଲ ମ୍ୟାନ ଅଫ୍ ମ୍ୟାଚ ପୁରସ୍କାର ପାଇଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ମୁଖ୍ୟଅତିଥି, ପଦ୍ମନାଭ ନାୟକ, ଶବୀର ଅହମ୍ମଦ ଓ ସୟଦ ଜିନ୍ଦା ସମ୍ମାନୀତ ଅତିଥି ଥିଲେ ।

# ଅକ୍ଷରପାଟ କପ୍ କ୍ରିକେଟ: ସାଲୋଇ, ଦଣ୍ଡାସିଂହା ବିଜୟୀ

**ଦେବଗଡ଼,୧୪।୨(ଡ଼ି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅକ୍ଷରଶିଳା ଗ୍ରାମରେ ଅକ୍ଷରପାଟ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ଦୁଇଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ ସାଲୋଇ ଓ ଅକ୍ଷରଶିଳା(ବି) ମଧ୍ୟରେ ହୋଇଥିଲା। ସାଲୋଇ ଦଳ ଟସ୍ ଜିତି ପ୍ରଥମେ ମ୍ୟାଟିଂ କରି ୧୪୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଅକ୍ଷରଶିଳା ଦଳ ୭.୪ଓଭରରେ ସମସ୍ତ ଉଇକେଟ ହରାଇ ୩୬ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ କୁଳପୋଷି ଓ ଦଣ୍ଡାସିଂହା ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଦଣ୍ଡାସିଂହା ଦଳ ୯.୪ ଓଭରରେ ୧୩୩ ରନ୍ ସଂଗ୍ରହ କରିଥିଲା। ଜବାବରେ କୁଳିପୋଷି ଦଳ ୯.୫ଓଭରରେ ୭୫ରନ୍ କରି ପରାଜିତ ହୋଇଥିଲା। ଭାଜପା ଯୁବନେତା ଶଙ୍କର ପାଣି ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।


ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଚାଷୀ ଆନ୍ଦୋଳନକୁ ସମର୍ଥନ କରିବ ସମାଜ


ସମ୍ବଲପୁର ଗମ୍ଭାରିପଙ୍କ ଗ୍ରାମରେ କୁଳତାସମାଜର ବୈଠକ।

**କୁଳତା ଜାତି ସମାଜ ବୈଠକ**

**ସମ୍ବଲପୁର,୧୪।୨(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଗମ୍ଭାରିପଙ୍କ ଗ୍ରାମରେ କୁଳତା ଜାତି ସମାଜ ମହାସଭା ଅନୁଷ୍ଠିତ ହୋଇଥିଲା । ସନ୍ତୋଷ ବଢେଇ ସଭାପିତ୍ୱ କରିଥିଲେ। ଲପଙ୍ଗା ପୀଠ, ଅଢାପଡା ପୀଠ, ଠେମରାପିଠ, ମୁରାପିଠର କର୍ମକର୍ତ୍ତମାନେ ଉପସ୍ଥିତ ରହିଥିଲେ। ଗମ୍ଭାରୀପଙ୍କରେ ସ୍ମୃତି ସ୍ତମ୍ଭ, ୨୪ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୀତା ଯଜ୍ଞ, ମାର୍ଚ୍ଚ ୭ରେ ଚିନ୍ତନ ସଭା କରିବାକୁ ସ୍ଥିର ହୋଇଥିଲା। ପ୍ରଦୀପ କୁମାର ସାହୁ, ରତନ ସାହୁ, ନନ୍ଦ କିଶୋର ପ୍ରଧାନ, ମାଣିକା ସାହୁ, ହିରାଲାଲ ବାରକ, ଦେବେନ୍ଦ୍ର ପ୍ରଧାନ, ଶିଶି ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ ଦେବେନ୍ଦ୍ର ପ୍ରଧାନ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଚାଷୀମାନଙ୍କ ସମସ୍ୟା ପାଇଁ ବିଭିନ୍ନ ଉପାୟରେ ଆନ୍ଦୋଳନ କରୁଛନ୍ତି । ଆନ୍ଦୋଳନକୁ ସମର୍ଥନ କରିବାକୁ ପ୍ରସ୍ତାବ ଦେଇଥିଲେ । ଚାଷ ଓ ଚାଷୀ କୁଳତା ସମାଜ ଅଙ୍ଗାଅଙ୍ଗି ଭାବେ ଜଡିତ। ତେଣୁ ସମର୍ଥନ କରିବାକୁ ସ୍ଥିର ହୋଇଥିଲା ।

# ବରଯାତ୍ରୀ କାର୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ: ଜଣେ ଗୁରୁତର

**ଦେବଗଡ,୧୪।୨(ଡି.ଏନ୍.ଏ.)**

ରବିବାର ଦେବଗଡ ଥାନା ଅନ୍ତର୍ଗତ ବସାଲଇ ଗ୍ରାମରେ ଏକ ବରଯାତ୍ରୀ କାର ଧକ୍କାରେ ଜଣେ ହାଇସ୍କୁଲ ଶିକ୍ଷକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ରବି ନାରାୟଣ ସାହୁ (୫୦) ।

ପ୍ରକାଶ ଯେ, ଅପରାହ୍ନରେ ବସାଲଇ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରବି ନାରାୟଣ ଓ କ୍ରୀଡା ଶିକ୍ଷକ ମାନସ କୁମାର ଦାଶ(୪୦) ଏକ ବାଇକ (ନଂ ଓଡି-୨୮-ଏ-୨୧୩୨) ଯୋଗେ ସ୍କୁଲରୁ ଫେରୁଥିଲେ । ତେବେ ବସାଲଇ ଛକ ନିକଟରେ ସମ୍ମୁଖ ପଟୁ ଆସୁଥିବା ଏକ ବରଯାତ୍ରୀ କାର(ଓଡି-୧୪-କ୍ୟୁ-୭୯୫୦) ସେମାନଙ୍କୁ ଧକ୍କା ଦେଇ ବହୁ ଦୂର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା । ଫଳରେ ଘଟଣାସ୍ଥଳରେ ଶିକ୍ଷକ ରବି ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ହୋଇଥିବା କ୍ରୀଡା ଶିକ୍ଷକ ଦାଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି । ଖବର ପାଇ ଦେବଗଡ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ୍‌କୁ ଜବତ କରିଛି । ମୃତ ଶିକ୍ଷକଙ୍କ ଘର ମୟୁରଭଞ୍ଜ ଜିଲା ଝାରପୋଖରିଆ ଗ୍ରାମରେ ବୋଲି ଜଣାଯାଇଛି ।

# ପ୍ରତିଭା ପ୍ରଦର୍ଶନ କଲେ ଶିଶୁ କଳାକାର

**ମାତୃ ପିତୃ ପୂଜନ ଦିବସ ପାଳନ**

**ସମ୍ବଲପୁର, ୧୪।୨(ବ୍ୟୁରୋ)**

ସବୁଆଡେ ଶହୀଦ ଦିବସ ପାଳିତ ହୋଇଥିବାବେଳେ ସମ୍ବଲପୁର ମହାନଗର ନିଗମ ଦଲଦଲିପଡାରେ ନିଆରା ଢଙ୍ଗରେ ମାତୃ ଓ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। କୁନି ଶିଶୁମାନେ ମା'ବାପାଙ୍କୁ ପୂଜା କରିଥିଲେ। ଫୁଲ, ଚନ୍ଦନ ଦୀପ ଦେଇ ପୂଜା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଶିଶୁମାନେ ନୃତ୍ୟ, ଗୀତ ଓ ଅନ୍ୟାନ ଗୁଣରେ କମ ନୁହାନ୍ତି ବୋଲି ନିଜ ଭିତିରେ ଥିବା ଅର୍ନ୍ତନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ବସ୍ତି ଅଞ୍ଚଳରେ ମଧ୍ୟ ଶିଶୁମାନଙ୍କ ପାଖରେ ପ୍ରତିଭା ଭରି ରହିଛି । ତେଣୁ ଆଗାମୀ ଦିନରେ ସେମାନଙ୍କୁ କିଭଳି ସୁଯୋଗ ମିଳିବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ଥିର ହୋଇଥିଲା। ହେଲପିଙ୍ଗ ହେଣ୍ଡ ସମାଜିକ ଅନୁଷ୍ଠାନର କବିତା ବାଗ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥିଭାବେ ଖବରଦାତା ପ୍ରଫୁଲ ଦାସ, ସମ୍ମାନିତ ଅତିଥିଭାବେ ଶିଶୁ କଲ୍ୟାଣ ସଭ୍ୟା ଆଇନଜିବୀ ପୁଷ୍ପାରାଣୀ ମହାପାତ୍ର, ବିଜେଡି ନେତା ଦେବେନ୍ଦ୍ର କିଶୋର ପତି ଯୋଗ ଦେଇଥିଲେ। ଆତଙ୍କବାଦୀ ଅକ୍ରମଣରେ ପୁଲ୍‌ୱାମାରେ ଶହୀଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ପକ୍ଷରୁ ଏହି ଅବସରରେ ଅସହାୟ ବୃଦ୍ଧାମାନଙ୍କୁ ଶାଢୀ ପ୍ରଦାନ କରାଯାଇଥିଲା।


ସମ୍ବଲପୁର ମହାନଗର ନିଗମ ଦଳଦଳିପଡାରେ ଶିଶୁକଳାକାର ଓ ଅତିଥିମାନେ।

# ରାଉରକେଲା ଚାମ୍ପିୟନ

**ଏକଦିବସୀୟ ଭେଟେରାନ୍ ଫୁଟବଲ ଟୁର୍ନାମେଣ୍ଟ**

**ସମ୍ବଲପୁର, ୧୪।୨ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସିଂହପାଲିଠାରେ ରବିବାର ଏକ ଦିବସୀୟ ଭେଟେରେନ୍ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ରାଉରକେଲା ଚାମ୍ପିୟନ ଓ ବେଲପାହାଡ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ସିଂହପାଲି କିଶାନ କ୍ଲବ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟରେ ଝାରସୁଗୁଡା, ସିଂହପାଲି, ବେଲପାହାଡ, ବୁର୍ଲା, ବ୍ରଜରାଜନଗର, ମୁଣ୍ଡେନପାଲି, ବୀରମହାରାଜପୁର, ରାଉରକେଲା ଫୁଟବଲ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ରାଉରକେଲା ଟାଇବ୍ରେକର ୫-୪ ଗୋଲରେ ବେଲପଡାକୁ ପରାସ୍ତ କରିଥିଲା। ବିଜୁ ଜନତା ଦଳ ଜିଲା ସଭାପତି ସିଦ୍ଧାର୍ଥ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବିଜେଡି ନେତା ଦେବେନ୍ଦ୍ର କିଶୋର ପତି, ମୋତିଲାଲ ତନ୍ତି, ସଦାଶିବ ପୁରୋହିତ, ବିରଜା ହୋତା ସମ୍ମାନୀତ ଅତିଥି ଥିଲେ। ଆୟୋଜକ କ୍ଲବ ସଭାପତି ବିଦ୍ୟାଧର ଓରାମ, ସମ୍ପାଦକ ଶ୍ରୀକାନ୍ତ ଓରାମ, କାଇଁଶିର ନବଜ୍ୟୋତି ଯୁବକ ସଂଘ ପୂର୍ବତନ ସଭାପତି ଜେମିନି ବହିଦାର ଟୁର୍ନାମେଣ୍ଟ ପରିଚାଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରେଫରି ଶାନ୍ତା ରଣବିଡା, ମଥୁରା ଓରାମ, ଯୋଗେନ୍ଦ୍ର ଓରାମ, ବିଜୟ ଓରାମ, ମନୋଜ ଭୋଇ, ଅଭି ମହାନନ୍ଦ ମ୍ୟାଚ ପରିଚାଳନା କରିଥିଲେ। ହେମନ୍ତ ପ୍ରଧାନଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ ଓ ଡେଭେଡ କୁଜୁରଙ୍କୁ ଶ୍ରେଷ୍ଠ ଖେଳାଳି ଟ୍ରଫି ପ୍ରଦାନ କରାଯାଇଥିଲା ।


ଭେଟେରାନ୍ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।

## ଫଟୋରେ ଖବର







ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ କେଶେଇବାହାଲ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କର୍ମକର୍ତ୍ତା ଓ ନୃତ୍ୟ ଶିଳ୍ପୀମାନେ(ବାମ) । ପୁନାଠାରୁ ପଦଯାତ୍ରାରେ ବାହାରିଥିବା ୫ ଜଣିଆ ପ୍ରତିନିଧି ଦଳ ରବିବାର ସମ୍ବଲପୁର ସହରରେ ପହଞ୍ଚିଛନ୍ତି(ମଝି) । ସମ୍ବଲପୁର ବଜରଙ୍ଗ ଦଳ ପକ୍ଷରୁ ରବିବାର ଶହୀଦ ସ୍ତମ୍ଭଠାରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀରଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

